ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.279 Bhubaneswar Friday December 22 2023 | ୨୬ତମ ବର୍ଷ ସଂଖ୍ୟା-୨୭୯ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୨, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ପାଣ୍ଡିଆନ ଓ କାମିଆ ଜାନିଙ୍କ ଗିରଫ ଦାବି କଲା ବିଜେପି, ଶ୍ରୀମନ୍ଦିରର ପବିତ୍ରତା ନଷ୍ଟ କରିଛି ଶାସକ ଦଳ

ଭୁବନେଶ୍ୱର, ୨୧।୧୨(ପି.ଏନ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଗୋମାଂସ ଭକ୍ଷଣକାରୀ କାମିଆ ଜାନିଙ୍କୁ ପ୍ରବେଶ କରାଇବା ଅଭିଯୋଗ ଘଟଣାରେ ଶାସକ ବିଜେଡିକୁ ଦାୟୀ କରିଛି ବିଜେପି । ସୋସିଆଲ ମିଡିଆ ଇନଫ୍ଲୁଏନ୍ସର କାମିଆ ଜାନିଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରାଇବାରେ ବିଜେଡି ନେତା ଭିକେ ପାଣ୍ଡିଆନଙ୍କ ମୁଖ୍ୟ ଭୂମିକା ରହିଛି । ତେଣୁ ଉଭୟ ପାଣ୍ଡିଆନ ଓ କାମିଆ ଜାନିଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ବିଜେପି ଅଭିଯୋଗ କରିଛି ।ଆଜି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ବିଜେଡିରେ ଯୋଗଦେଇଥିବା ଭିକେ ପାଣ୍ଡିଆନ ଗତ କିଛିଦିନ ତଳେ ସୋସିଆଲ ମିଡିଆ ବ୍ଲଗର କାମିଆ ଜାନି ନାମ୍ନୀ ମହିଳାଙ୍କୁ ନେଇ ଶ୍ରୀଜଗନ୍ନାଥ ମନ୍ଦିର ପରିସର ଭିତରେ ଏକ ଭିଡିଓ ପ୍ରସ୍ତୁତ କରି ଗଣମାଧ୍ୟମରେ ଛାଡିଛନ୍ତି । ଏହି ଭିଡିଓଟି ସାରା ଓଡିଶା ନୁହେଁ ବରଂ ସମଗ୍ର ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀ ଓ ସନାତନୀଙ୍କୁ ଧାର୍ମିକ ଆଘାତ ଲାଗିଛି ।



## ବେଆଇନ ମାଟି ଖନନ କରୁଥିବା ଜେସିବି ଜବତ, ଜୋରିମାନା ଆଦାୟ

ଧର୍ମଶାଳା, ୨୧।୧୨(ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ମୌଜାରୁ ବେଆଇନ ଭାବେ ମାଟି ଉତୋଳନ କରୁଥିବା ଏକ ଜେସିବି ମେସିନକୁ ତହସିଲ ପକ୍ଷରୁ ଜବତ କରାଯାଇ ୫୦ ହଜାର ଟଙ୍କା ଜୋରିମାନା କରାଯାଇଛି । ୫୩ ନଂ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ସରକାରୀ ଜାଗାରୁ ବେଆଇନ ଭାବେ ମାଟି ଉତୋଳନ କରୁଥିବା ଖବର ପାଇ ଆଜି ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ତହସିଲଦାର ତପନ କୁମାର ମଲିକ ଓ ଆରୁହା ଆରଆଇ ମନୋଜ କୁମାର ସାମଲ ପ୍ରମୁଖ ଚଢାଉ କରି ଖନନ କରୁଥିବା ଜେସିବିକୁ ଜବତ କରିଥିଲେ । ପରେ ଜେସିବି ମାଲିକଙ୍କ ଠାରୁ ୫୦ ହଜାର ଜୋରିମାନା ଆଦାୟ କରାଯାଇଥିବା ତହସିଲଦାର ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

## ବଡଦିନ ଛୁଟିରେ ବି ଖୋଲା ରହିବ ଏହି ଜିଲ୍ଲାର ସମସ୍ତ ସ୍କୁଲ, ପାଠ ପଢ଼ାଇବେ ଶିକ୍ଷକ



ଭୁବନେଶ୍ୱର, ୨୧।୧୨(ପି.ଏନ): ଅନୁଗୁଳରେ ଜିଲ୍ଲାରେ ଏକ ନିଆରା ପଦକ୍ଷେପ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି। ଜିଲ୍ଲାର ପ୍ରତି ସ୍କୁଲରେ ଆସନ୍ତା ବୋର୍ଡ ପରୀକ୍ଷାରେ ୩ ପ୍ରତିଶତ ଇ୧ ଗ୍ରେଡ ଓ ୫ ପ୍ରତିଶତ ଇ୨ ଗ୍ରେଡ ପାସ୍ ହାର ପାଇଁ ଟାର୍ଗେଟ ଦିଆଯାଇଛି। ଯେଉଁଥିପାଇଁ ବଡଦିନ ଛୁଟିରେ ବି ଏହି ଜିଲ୍ଲାର ସମସ୍ତ ସ୍କୁଲ ଖୋଲା ରହିବ। ଏନେଇ ଜିଲ୍ଲାର ସବୁ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଚିଠି କରି ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ। ସୂଚନା ଅନୁଯାୟୀ, ମାଟ୍ରିକ ପିଲାଙ୍କ ପାଇଁ ୨୧ ରୁ ୩୦ ଡିସେମ୍ବର ଯାଏ ଜିଲ୍ଲାରେ କୋଚିଂ କ୍ୟାମ୍ପ ଆୟୋଜନ କରାଯିବ। ଯେଉଁଥିରେ ପିଲାଙ୍କୁ ଇ ଓ ଈ ଦୁଇଟି ବର୍ଗରେ ବିଭକ୍ତ କରି କୋଚିଂ ଦିଆଯିବ। ଇ ଗ୍ରୁପ୍ ପାଇଁ ବିଭିନ୍ନ ସ୍କୁଲରେ ବ୍ୟବସ୍ଥା କରାଯାଇଛି। ଟ୍ୟାଗ ହୋଇଥିବା ସ୍କୁଲକୁ ଯାଇ ପିଲା କୋଚିଂ ନେବେ ବୋଲି କୁହାଯାଇଛି। ସେହିପରି ଈ ଗ୍ରୁପ୍ ପିଲାମାନେ ନିଜ ସ୍କୁଲରେ କୋଚିଂ ନେବେ। ଏଥିପାଇଁ ପୂରା ଜିଲ୍ଲାର ସ୍କୁଲ ଗୁଡିକରେ ପ୍ରସ୍ତୁତି କରାଯାଇଛି। ଫଳରେ ବଡଦିନ ଛୁଟିରେ ବି ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ସ୍କୁଲ ଯିବାକୁ ପଡିବ। ତେବେ ଏଭଳି ଭିନ୍ନ ପଦକ୍ଷେପକୁ ଅନେକ ଜଣ ପ୍ରଶଂସା କରୁଥିବା ବେଳେ କିଛି ଶିକ୍ଷକ, ଶିକ୍ଷୟିତ୍ରୀ ଅସନ୍ତୋଷ ମନେ କରିଛନ୍ତି।

## ରାଜ୍ୟରେ କମିବ ଶୀତ, ବଢ଼ିବ କୁହୁଡି !



ଭୁବନେଶ୍ୱର, ୨୧।୧୨,(ପିଏନ):ଥଣ୍ଡାରେ ଥରୁଥିଲା ସାରା ଓଡିଶା। ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇପଡିଥିଲା। ଏବେ ସେଥିରୁ ମିଳିବ ସାମାନ୍ୟ ଆସ୍ୱସ୍ତି। କାରଣ ଆସନ୍ତାକାଲି ଅର୍ଥାତ ଶୁକ୍ରବାର ପରଠାରୁ କମିବ ଶୀତ, ବଢିବ କୁହୁଡି। ଏନେଇ ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ।

### ଗଜପତି ଉତ୍ସବର ୨ୟ ରଜନୀ, ପାରଳାର କଳା, ସଂସ୍କୃତି ଓ ଐତିହ୍ୟ ଉପରେ ଆଲୋକପାତ

ପାରଳାଖେମୁଣ୍ଡି, ୨୧/୧୨ : ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଗଜପତି ଉତ୍ସବ ଗତକାଲି ବୁଧବାର ରାତିରେ ୨ ୟ ରଜନୀ ଅବସରରେ ଅତିଥିମାନେ ପାରଳାଖେମୁଣ୍ଡିର କଳା, ସଂସ୍କୃତି, ଐତିହ୍ୟ, ସମୃଦ୍ଧ ଏବଂ ଉଚ୍ଚ୍ଚକୋଟିର ବୋଲି ଅତିଥିମାନେ ପ୍ରକାଶ କରିବା ସହ ଏହି ପରମ୍ପରାର ସମାରୋହ ହିଁ ଗଜପତି ଉତ୍ସବ ବୋଲି ପ୍ରକାଶ କରିଥିଲେ. ଗତକାଲି ଦ୍ୱିତୀୟ ରଜନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କ ମନମୋହିଛି ଓ ଦ୍ୱିତୀୟ ସନ୍ଧ୍ୟାରେ ୧୪ରୁ ଅଧିକ ଦଳ ନୃତ୍ୟ ଗୀତ ପରିବେଷଣ କରିଥିଲେ ।

## ରାଜ୍ୟସଭାରେ ୩ ଅପରାଧିକ ବିଲ୍ ପାସ୍, ସରିଲା ସଂସଦର ଶୀତ ଅଧିବେଶନ

ଭୁବନେଶ୍ୱର, ୨୧।୧୨(ପି.ଏନ): ଲୋକସଭା ପରେ ରାଜ୍ୟସଭାରେ ପାସ୍ ହୋଇଛି ୩ ନୂଆ ଅପରାଧିକ ବିଲ୍। ବିନା ବିରୋଧୀରେ ସଂସଦର ଉଚ୍ଚ ସଦନରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ଓ ଭାରତୀୟ ସାକ୍ଷ୍ୟ ବିଲ ପାସ୍ ହୋଇଛି। ବୁଧବାର ଏହି ୩ ବିଲ୍ ଲୋକସଭାରେ ପାରିତ ହୋଇଥିଲା।୯୭ ଜଣ ସାଂସଦ ନିଲମ୍ବିତ ହୋଇ ଲୋକସଭା ବାହାରେ ଥିଲେ ମଧ୍ୟ ସରକାର ଏହି ୩ ଗୁରୁତ୍ୱପୂର୍ଣ୍ଣ ବିଲକୁ ନିମ୍ନ ସଦରେ ପାସ୍ କରାଇଥିଲେ। ଆଜି ରାଜ୍ୟସଭାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି।



## ଆମ୍ବୁସ ଲଗାଇ ଆକ୍ରମଣ କଲେ ଆତଙ୍କବାଦୀ, ୩ ଯବାନ ସହିଦ

ନୂଆଦିଲ୍ଲୀ, ୨୧।୧୨(ପି.ଏନ): ଜମ୍ମୁ ଓ କଶ୍ମୀରର ପୁଞ୍ଚରେ ଆତଙ୍କବାଦୀମାନେ ଆମ୍ବୁସ ଲଗାଇ ସେନାର ଦୁଇଟି ଗାଡି ଉପରକୁ ଗୁଳିମାଡ କରିବାରୁ ୩ ଜଣ ଯବାନ ସହିଦ ହୋଇଛନ୍ତି ।ବୁଫଲିୟାଜରୁ ସେନାର ୨ଟି ଗାଡି (ଗୋଟିଏ ଟ୍ରକ୍ ଓ ଗୋଟିଏ ଜିପ୍ ?ସି)ରେ କିଛି ଯବାନ ଯାଉଥିବା ବେଳେ ଏହି ଆକ୍ରମଣ ହୋଇଥିଲା। ବୁଫଲିୟାଜ ପାଖାପାଖି ଅଞ୍ଚଳରେ ଗତକାଲି ରାତିରୁ ଆତଙ୍କବାଦୀ ବିରୋଧୀ ଅପରେସନ ଚାଲିଛି। ସେଠାରୁ ଏହି ଯବାନମାନେ ଫେରୁଥିବା ବେଳେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ।



## ଏଣିକି ରାଜପଥରେ ଭାରୀଯାନ ଚାଳକଙ୍କୁ ରାତିରେ ମିଳିବ ମାଗଣା ଚା

ଭୁବନେଶ୍ୱର, ୨୧।୧୨(ପି.ଏନ): ରାତିରେ ବସ ଟ୍ରକ ଏବଂ ଅନ୍ୟାନ୍ୟ ଭାରୀଯାନ ଚଳାଉଥିବା ଚାଳକମାନଙ୍କ ଆସିଛି ଖୁସିଖବର । ଏଣିକି ଏନ.ଏଚ୍‌ରେ ରାତି ଢାବାରେ ଡ୍ରାଇଭରମାନଙ୍କୁ ମିଳିବ ମାଗଣା ଚା । ଭାରୀଯାନ ଚଳାଉଥିବା ଡ୍ରାଇଭରମାନେ ଏହି ମାଗଣା ଚା ପାଇପାରିବେ ବୋଲି ସୂଚନା ମିଳିଛି ।ତେବେ ଏ ନେଇ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ସୂଚନା ଦେଇଛନ୍ତି । ଗଣାମାଧ୍ୟମକୁ ଏ ନେଇ ବିବୃତି ଦେଇ ମନ୍ତ୍ରୀ କହିଛନ୍ତି ଯେ- "ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାଗଣା ଚା ଚାଳକମାନଙ୍କୁ ଯୋଗାଇ ଦିଆଯିବ । ରାସ୍ତାକନରେ ଥିବା ହୋଟେଲ କିମ୍ବା ଢାବାରେ ସେମାନେ ବିଶ୍ରାମ ନେବା ସହ ମାଗଣାରେ ଚା ପିଇପାରିବେ ।' ଏହା ସହିତ ପ୍ରତି ରାଜ୍ୟର ଜିଲ୍ଲାପାଳ ଏହି ହୋଟେଲକୁ ଚିହ୍ନଟ କରିବାକୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ତେବେ ଏହା ଦ୍ୱାରା ଡ୍ରାଇଭରଙ୍କ ନିଦ ସମସ୍ୟାକୁ ଏଡାଯାଇ ପାରିବ ବୋଲି ସେ କହିଛନ୍ତି । ଯାହା ଦ୍ୱାରା ଦୁର୍ଘଟରାର ଆଶଙ୍କାକୁ ମଧ୍ୟ ଅନେକାଂଶରେ ଏଡାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।



## ସାଢ଼େ ୧୨ ଲକ୍ଷ ଟଙ୍କା ନେଇଗଲେ ଦମ୍ପତି, ହେଲେ ଦେଲେନି କିଡ୍‌ନୀ

କଟକ, ୨୧।୧୨(ପି.ଏନ):ସ୍ୱାମୀଙ୍କ ଜୀବନ ବଞ୍ଚାଇବା ପାଇଁ ଜମିବାଡି ବିକି ସାଢ଼େ ୧୨ ଲକ୍ଷ ଟଙ୍କା ଯୋଗାଡ କରିଥିଲେ। ହେଲେ ଠକିଦେଲେ କିଡ୍‌ନୀ ଡୋନର ଦମ୍ପତି। ଟଙ୍କା ନେଇ ଧରାଛୁଆଁ ଦେଉନଥିଲେ। ଆଜି କାଲି କହି ସମୟ ଗଡାଉଥିଲେ। ବୁଧବାର ହାବୁଡରେ ପଡିବାରୁ ଦମ୍ପତିଙ୍କୁ ଧରି କମିଶନରେଟ ପୁଲିସ୍ ଜିମା ଦେଲେ କୁଟୁଲ ମାଝୀ ଓ ତାଙ୍କ ପତ୍ନୀ। ପୁଲିସ ଘଟଣାର ତଦନ୍ତ ଚଳାଇଛି ।କେନ୍ଦୁଝର ଜିଲ୍ଲାର କୁଟୁଲ ମାଝୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିଲା। ବହୁ ଡାକ୍ତରଖାନା ବୁଲିବା ପରେ କଟକ ବଡମେଡିକାଲ୍ ଆସିଥିଲେ। ୨୦୨୨ ମସିହା ଡିସେମ୍ବରରେ ମେଡିକାଲ୍‌ରେ ଭର୍ତ୍ତି ହୋଇଥିଲେ। ଡାକ୍ତର ଚେକ୍‌ଅପ୍ ପରେ କୁଟୁଲଙ୍କ ଦୁଇଟି ଯାକ କିଡ୍‌ନୀ ଖରାପ ବୋଲି କହିଥିଲେ। ତେଣୁ କିଡ୍‌ନୀ ପ୍ରତିରୋପଣ କରିବାକୁ ପଡିବ। ଏହା ବ୍ୟୟ ସାପେକ୍ଷ ଜାଣି ମଧ୍ୟ ପତ୍ନୀ ଦୁଲାରୀ ହେମ୍ବ୍ରମ୍ ଓ ପରିବାର ଲୋକ ଅର୍ଥ ଯୋଗାଡରେ ଲାଗି ପଡିଥିଲେ। ଏଥିସହ କିଡ୍‌ନୀ ଡୋନର ଖୋଜୁଥିଲେ।



## ସଂସଦରୁ ବିରୋଧି ସାଂସଦ ମାନଙ୍କ ଗଣ ନିଲମ୍ବନ ବିରୋଧରେ ଇଣ୍ଡିଆ ମେଂଟଭୁକ୍ତ ଦଳ ମାନଙ୍କର ୨୨ ଡିସେମ୍ବରରେ ଦେଶବ୍ୟାପି ପ୍ରତିବାଦ

ଭୁବନେଶ୍ୱର ,୨୧।୧୨(ପି.ଏନ): ସଂସଦରୁ ବିରୋଧି ଦଳମାନଙ୍କର ୧୪୩ ଜଣ ସାଂସଦକୁ ନିଲମ୍ବନ ବିରୋଧିରେ ଡିସେମ୍ବର ୨୨ ତାରିଖରେ ଆହୁତ ଦେଶବ୍ୟାପି ପ୍ରତିବାଦ ଦିବସକୁ ଓଡ଼ିଶାରେ ସଫଳ କରିବାପାଇଁ ଇଣ୍ଡିଆମେଂଟଭୁକ୍ତ ଓଡ଼ିଶାର ବିରୋଧି ରାଜନୈତିକ ଦଳ ମାନେ ଆହ୍ୱାନ ଦେଇଛନ୍ତି। ଆଜି ଭୁବନେଶ୍ୱର ସ୍ଥିତି ସିପିଆଇ (ଏମ) ରାଜ୍ୟ କାର୍ଯ୍ୟାଳୟରେ ବିରୋଧିଦଳ ମାନଙ୍କର ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। ଇଣ୍ଡିଆମେଂଟ ଭୁକ୍ତ ଓଡ଼ିଶାର ରାଜନୈତିକ ଦଳମାନଙ୍କର ରାଜ୍ୟ ନେତୃବୃନ୍ଦ କହିଛନ୍ତି ଯେ ଭାରତୀୟ ସମ୍ବିଧାନରେ ସଂସଦୀୟ ଗଣତନ୍ତ୍ରର ସର୍ବୋଚ୍ଚ ଅନୁଷ୍ଠାନ ହେଉଛି ସଂସଦ। ସଂସଦରେ ବିରୋଧି ସାଂସଦମାନେ ସାମ୍ବିଧାନିକ ବ୍ୟବସ୍ଥାର ସୁରକ୍ଷା ପାଇଁ ମୁହଁ ଖୋଲିବାରୁ ସେମାନଙ୍କୁ ଗଣ ନିଲମ୍ବନ କରାଗଲା। ଶାସକ ଦଳର ହାତବାରିସି ହୋଇ ରାଜ୍ୟସଭା ଅଧକ୍ଷ ଲୋକସଭା ବାଚସ୍ପତି ଏହି ଅଗଣତାନ୍ତ୍ରିକ କାର୍ଯ୍ୟ କରିଛନ୍ତି। ସଂସଦୀୟ ଆଲୋଚନାରୁ ସାଂସଦକୁ ନିଲମ୍ବନ କରି ଦେଶର ନିର୍ବାଚନ ଆୟୁକ୍ତ ନିଯୁକ୍ତି ବ୍ୟବସ୍ଥାର ସଂଶୋଧନ ବିଲ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ ଅନୁମୋଦନ ପାଇଁ ଏକଛତ୍ର ବାଦୀ ମୋଦି ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟସଭା ଅଧକ୍ଷ ଓ ଲୋକସଭା ବାଚସ୍ପତି ବର୍ତମାନ ସୁଦ୍ଧା ୧୪୩ ଜଣ ସାଂସଦକୁ ନିଲମ୍ବନ କରି ବିରୋଧି ଦଳ ଶୂନ୍ୟ ସଂସଦ ଚଳାଇବାର କଳଙ୍କିତ ଅଧ୍ୟାୟ ଆରମ୍ଭ କରିଛନ୍ତି। ଏହା ଦ୍ୱାରା ସଂସଦୀୟ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥା ଓ ଗଣତନ୍ତ୍ର ଉପରେ ଏକଛତ୍ରବାଦୀ ସାମ୍ପ୍ରଦାୟିକ କୁଚକ୍ର ଓ କର୍ପୋରେଟ ଲୁଣ୍ଠନ ପାଇଁ ଜନବିରୋଧି ନୀତି ଗ୍ରହଣ କରି ମୋଦି ସରକାର ଯେଉଁ ଆକ୍ରମଣ କରିଛନ୍ତି ତାହା ଭାରତୀୟ ଗଣତନ୍ତ୍ରରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ସାମ୍ବିଧାନିକ ବ୍ୟବସ୍ଥା ଓ ଅନୁଷ୍ଠାନ ଉପରେ ମୋଦି ସରକାରଙ୍କ ଏହି ସୌରାଚାରୀ ଆକ୍ରମଣ ମହଙ୍ଗା ପଡ଼ିବ। ଭାରତୀୟ ସଂସଦୀୟ ଗଣତନ୍ତ୍ର ହେଉଛି ବହୁ ପରିକ୍ଷୀତ ଏବଂ ପରପକ୍ୱ ଗଣତାନ୍ତ୍ରିକ ବ୍ୟବସ୍ଥା ଏହା ବିରୋଧରେ ଦେଶର ସମସ୍ତ ଗଣତନ୍ତ୍ରୀ ପ୍ରେମୀ, ଧର୍ମନିରପେକ୍ଷ, ବାମପନ୍ଥି ଦଳମାନେ, ସମସ୍ତ ଦେଶପ୍ରେମୀ ସଂଗଠନ ଓ ବ୍ୟକ୍ତି ବିଶେଷ ଐକ୍ୟବଦ୍ଧ ହୋଇ ଷ୍ଟଗଣତନ୍ତ୍ର ସୁରକ୍ଷା ସଂଗ୍ରାମଷ୍ଟରେ ଝାସ ଦେବାକୁ ଓଡ଼ିଶାରେ ଥିବା ଆଇଏନଡିଆଇଏ (ଇଣ୍ଡିଆ) ମେଂଟଭୁକ୍ତ ରାଜନୈତିକ ଦଳମାନଙ୍କ ତରଫରୁ ଆହ୍ୱାନ ଦିଆଯାଇଛି। ଓଡ଼ିଶାର ରାଜଧାନୀ ସମେତ ରାଜ୍ୟବ୍ୟାପି ଆସନ୍ତା କାଲି ଅର୍ଥାତ ଡିସେମ୍ବର ୨୨ ତାରିଖରେ ପ୍ରତିବାଦ ସଂଗଠିତ କରାଯିବା ପାଇଁ ଆହ୍ୱାନ ଦିଆଯାଇଛି। ଧାରଣା, ବିକ୍ଷୋଭ, ସଭା ଏବଂ ପଟୁଆର ସଂଗଠିତ କରି ଏହି ପ୍ରତିବାଦ ଆନ୍ଦୋଳନ କରାଯିବାପାଇଁ ନିଷ୍ପତି ହୋଇଛି। ଆଜିର ମିଳିତ ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇ (ଏମ), ସିପିଆଇଏମଏଲ (ଲିବେରେସନ), ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ଆମଆଦମୀ ପାର୍ଟି, ସମାଜବାଦୀ ପାର୍ଟି, ଆରଜେଡି, ଏନସିପି, ସମତାକ୍ରାନ୍ତି ଦଳ, ଜେଡିୟୁ, ବିଏସ୍ପି, ସିପିଆଇ ଏମଏଲ (ରେଡଷ୍ଟାର), ତୃଣମୂଳ କଂଗ୍ରେସ, ଜେଏମଏମ, ଆରପିଆଇ ଏବଂ ସମୃଦ୍ଧି ଓଡ଼ିଶା ଇତ୍ୟାଦି ଦଳର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଯୋଗଦେଇଥିଲେ। ଜିଲ୍ଲାସ୍ତରରେ ତୁରନ୍ତ ମିଳିତ ବୈଠକ ଆହ୍ୱାନ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଇଣ୍ଡିଆ ଅର୍ନ୍ତଭୁକ୍ତ ଦଳମାନଙ୍କର ରାଜ୍ୟ ନେତୃବୃନ୍ଦ ନିବେଦନ କରିଛନ୍ତି। ଆଜିର ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ସମ୍ପର୍କରେ ସର୍ବଶ୍ରୀ ପ୍ରସାଦ ହରିଚନ୍ଦନ, ରାମକୃଷ୍ଣ ପଣ୍ଡା, ଅଲିକିଶୋର ପଟ୍ଟନାୟକ, ଅଭୟ ସାହୁ, ରବି ବେହେରା, ଜ୍ୟୋତିରନ ମହାପାତ୍ର, ବିକ୍ରମ ସ୍ୱାଇଁ, ପ୍ରମିଳା, ମହେନ୍ଦ୍ର ପରିଡ଼ା, ସୌମ୍ୟରନ ସ୍ୱାଇଁ, ହେମନ୍ତ କୁମାର, ଆଶିଷ କାନୁନଗୋ, ଦୁଷ୍ମନ୍ତ କୁମାର ଦାସ, ସୁରେଶ ପାଣିଗ୍ରାହୀ, ବଂଶୀଧର ପରିଡ଼ା, ପ୍ରଭାସ ସାମନ୍ତରାୟ, ଚିତରନ ମହାନ୍ତି, ମଧୁସୂଦନ ଯାଦବ, ନନ୍ଦନ ପାଲ, ଜତିଷ ମହାନ୍ତି, ଶିବାଜୀ ମୌଳିକ ଏବଂ ସେକ ଅବଦୁଲ ୱାଲି ପ୍ରମୁଖ ଏକ ମିଳିତ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।



## ମୁହଁ ଖୋଲୁ ନାହାଁନ୍ତି କାଶ୍ମୀର ଆତଙ୍କିଙ୍କ ପତ୍ନୀ


ଧର୍ମଶାଳା, ୨୧।୧୨(ପିଏନ୍): ଧର୍ମଶାଳା ଥାନା ନେଉଳପୁର ପଂଚାୟତ ମିଲତନଗରରେ ରହୁଥିବା ଭଡା ଘରୁ ଗତ ଏକ ସପ୍ତାହ ତଳେ ଏସଟିଏଫ ପିଲିସ ଗିରଫ କରିଥିଲା ବେଳେ ଏସମ୍ପର୍କରେ ତାଙ୍କ ପତ୍ନୀ ମୁହଁ ଖୋଲୁନଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ସୂଚନା ମୁତାବକ ନେଉଳପୁର ଗ୍ରାମର ସ୍ୱାମୀ ପରିତ୍ୟକ୍ତା ଯୁବତୀ ସେହେନାଜ ପରୱିନ (୩୨) କାଶ୍ମୀରର ଜଣେ ଯୁବକଙ୍କୁ ସୋସିଆଲ ମିଡିଆରେ ଭଲ ପାଇ ତାକୁ ବିବାହ କରି ଏହି ପଂଚାୟତ ମିଲତନଗରରେ ଏକ ଭଡା ଘରେ ରହୁଥିଲେ। ଏବେ ତାଙ୍କର ୬ ବର୍ଷର ଏକ ଝିଅ ରହିଥିବା ବେଳେ ପରୱିନ ନିକଟସ୍ଥ ଏକ ବେସରକାରୀ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ପରୱିନଙ୍କ ସ୍ୱାମୀ ସୟଦ ଇଶାନ ବୁଖାରୀ ମଝିରେ ମଝିରେ ଏଠାକୁ ଆସି ରହି ପୁଣି ପଳନ୍ତି। ତେବେ ବିବାହ ବେଳେ ସେ କାଶ୍ମୀରେ ଜଣେ ଏମବିବିଏସ ଡାକ୍ତର ଭାବେ କାମ କରୁଛନ୍ତି ବୋଲି କହିଥିଲେ। ହେଲେ ସେ ଦେଶର ବିଭିନ୍ନ ରାଜ୍ୟରେ ଏକାଧିକ ବିବାହ କରିବା ସହିତ ଭିନ ଭିନ୍ନ ପରିଚୟ ଦେଇ ଯୁବତୀମାନଙ୍କୁ ଠକୁ ଥିବା ଏସଟିଏଫ ଖବର ପାଇ ଗତ ୧୪ ତାରିଖ ଗୁରୁବାର ରାତିରେ ତାକୁ ତାର ଭଡା ଘରୁ ଗିରଫ କରିଥିଲା । ଗିରଫ ପରେ ଏସଟିଏଫ ପୁଲିସ ଇଶାନକୁ ପଚରା ଉଚୁରା ସମୟରେ ତାର ଆଇଏସଆଇ ସହିତ ଲିଙ୍କ ଥିବା ସନ୍ଦେହ କରିଥିଲା। ଗତ ୧୬ ତାରିଖ ଶନିବାର ତାକୁ ଏସଟିଏଫ ପୁଲିସ ଚଣ୍ଡିଖୋଲ କୋର୍ଟରେ ହାଜର କରାଇଥିଲା। ପରେ ତାକୁ ରଗଡିସ୍ଥିତ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଥିଲା। ଯୋହେତୁ ଇଶାନର ପାକିସ୍ତାନ ଲିଙ୍କ ବାହାରିଥିଲା ସେଥିଲାଗି ତାକୁ ଅଧିକ ପଚରା ଉଚରା ପାଇଁ ଏସଟିଏଫ ପୁଲିସ ୧୮ ତାରିଖ ସୋମବାର ୭ ଦିନିଆ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିଥିଲା । କୋର୍ଟ ଇଶାନକୁ ୫ ଦିନିଆ ରିମାଣ୍ଡ ରେ ନେବା ପାଇଁ ମୁର କରିବାରୁ ଏସଟିଏଫ ପୁଲିସ ତାକୁ ୧୯ ତାରିଖ ମଙ୍ଗଳବାର ତାକୁ ରିମାଣ୍ଡରେ ନେଇଛି । ଏବେ ଏସଟିଏଫ ଓ କେନ୍ଦ୍ର ଇଂଟେଲିଜେନ୍ସ ପୁଲିସ୍ୱାରା ମିଳିତ ଭାବେ ପଚରା ଉଚରା କରାଯାଇ ତା ଠାରୁ ତଥ୍ୟ ହାସଲ କରାଯାଉଛି । ଏସଟିଏଫ ପକ୍ଷରୁ ବୁଖାରି ଙ୍କ ପତ୍ନୀ ସେହେନାଜ ପରୱିନ . ଏସଟିଏଫ ଦ୍ୱାରା ବୁଖାରି ଗିରଫ ହୋଇ ୫ ଦିନିଆ ରିମାଣ୍ଡରେ ଯାଇଥିବା ବେଳେ ଏସ୍ଟିଏଫ ଓ ଆଇବି ପକ୍ଷରୁ ରୁ ପାକିସ୍ତାନୀ ଲିଙ୍କ୍ ନେଇ ତାକୁ ପଚରା ଉଚରା କରାଯାଉଛି । ଅନ୍ୟପଟେ ଏକ୍ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିବା ବୁଖାରୀର୍ ପତ୍ନୀ ସେହେନାଜ ପରୱିନଙ୍କୁ ସ୍କୁଲ କର୍ତୃପକ୍ଷ ଚାକିରୀରୁ ବହିଷ୍କୃତ କରିଛନ୍ତି । ଏତେ ସବୁ ଘଟଣା ଘଟିବା ପରେ ମଧ୍ୟ ଇଶାନଙ୍କ ପତ୍ନୀ ମୁହଁ ଖୋଲୁ ନାହାନ୍ତି । ଯାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି. ମିଡ଼ିଆରେ ନିଜର ମତ ରଖିବାକୁ ତାଙ୍କୁ ସ୍ଥାନୀୟ ଗାଁ ମୁରବୀ ସାହା ଆଲାମ କହିଥିଲେ ହେଁ ଦେହ ଭଲ ନଥିବା କହି କଥାକୁ ଏଡାଇ ଦେଇଥିଲେ । ଫଳରେ ତାଙ୍କ ଉପରେ ସନ୍ଦେହ ବଡିବାରେ ଲାଗିଛି । ତେବେ ପରୱିନ କେବେ ମୁହଁ ଖୋଲୁଛନ୍ତି ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ ।

କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୟାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ




ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ ।

ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ।

# ପ୍ରସବ କରିବ ରୋବଟ !

ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ



ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲିଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ୍ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ



ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଶିଶୁ ଶ୍ରମିକ: ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ !

୧୯୮୭ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହାର ପ୍ରଥମ ଧାରାରେ ଉଲ୍ଲେଖଅଛିଯେ ୧୮ବର୍ଷରୁ କମ୍ ବୟସ୍କ ବ୍ୟକ୍ତିହିଁ ଶିଶୁ। ଶିଶୁର ଅଧିକାରରେ ରହିଛି : (୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର। ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଭର୍ତ୍ସନା, ତା'ପ୍ରତି ଅସଦ୍‌ବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ। ଅନ୍ୟପକ୍ଷରେ ଏକ ନିଶ୍ଚିନ୍ତ ଓ ନିଶ୍ଚିତ ନିରାପଦ ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ।

ଶିଶୁର ଏହି ଅଧିକାରକୁ ଆହୁରି ସୁଗମ, ସ୍ୱଚ୍ଛଳ ଓ ପିଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧ତାରୁ ୬ରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି। ଫଳରେ ସେମାନେ ବିଦ୍ୟାଳୟ ଯିବେ। ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ। ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦ୍ୱାରରେ ଉଭା ହୋଇଛି।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହାରମାନେ ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶର ନିରୋଗଭାବେ ବଢ଼ିବେ। ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ ନାହିଁ। ମୋଟ



ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ। ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ। ଏମାନଙ୍କୁ ୬-୧୪ବର୍ଷ ମଧ୍ୟରେ ଶ୍ରମ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି। ୧୯୮୬ ଶିଶୁ ଶ୍ରମିକ ଆଇନ ଅନୁସାରେ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଧ କରାଯାଇଛି। ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ୱାର୍କସପ୍, ଗ୍ୟାରେଜ, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ ବା ଫାଇବର କାରଖାନା ଇତ୍ୟାଦି। ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା, ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି ଓ ଜରି ତିଆରି ଇତ୍ୟାଦି



ଅନ୍ତର୍ଭୁକ୍ତ। ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି। ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି। ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି। ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ



ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି। ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ସ୍ଥାପନ ହେଉଛି। ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି। ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି ଶିକ୍ଷାଦେବାର



ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି।

ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ। ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ଗଞ୍ଜାମରେ ଏହାଥିଲା ୭୫,୮୭୮ କେବଳ। ତା'ତଳକୁ ଥିଲା ମୟୂରଭଞ୍ଜ ୭୦,୪୨୪ ଶିଶୁଶ୍ରମିକ। ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରମାନଙ୍କରେ ହୋଟେଲ, ଗ୍ୟାରେଜ, ଜୋତା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ,



ତେଜରାତି ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି। ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି। ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ। ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ। ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି। ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ। ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର। ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର। ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର।

# ଅଳିଆଗଦାରେ ତରକାରୀ ଆଇନ

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ । ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀକଳ ବି ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ୍ ରେଷ୍ଟ୍ରିକ୍‌ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍‌ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉ କରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଘଂନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାଫକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି, କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ । ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇପାରିବ। ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରସା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ସରକାର ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ମାତ୍ର ଖାଇବାକୁ ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆମାନେ ନିଜର ଆତ୍ମସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇ ଯାହା ରହିବ।

# 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...'



ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଷ୍ପତ୍ତି ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧ୍ୟାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ। ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି– 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତୈତ୍ତିରୀୟ ପୁରାଣରେ ବର୍ଣ୍ଣିତ ଅଛି – 'ଅଯଜ୍ଞୋ ବା ଏଷ ଯୋ ପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ – ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି – 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ। ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି – ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।

# ରେମୁଣା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ୱାଭିମାନ ଦିବସ



ବାଲେଶ୍ୱର (ପିଏନ୍)- ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ ସତ୍ୟବତୀ ନଗର ସମ୍ବାଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ଷୀରଚରା ଗୋପୀନାଥ ମନ୍ଦିର ନିର୍ବାହି ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟ ବକ୍ତା ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ଆଇନ ଜିବୀ ମାୟାଧର ମାହାର୍ଣ୍ଣା, ସାହିତ୍ୟକ ବିଧାନ ଚନ୍ଦ୍ର ରାୟ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା, ସଂଗୀତ ଗୁରୁ ଗଙ୍ଗାଧର ସେଠୀ, ଡ. ସତ୍ୟରଞ୍ଜନ ଦାସ, କବି ନିରଞ୍ଜନ ସାହୁ, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ଦିନବନ୍ଧୁ ଦାସ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇ କୁଳବୃଦ୍ଧ ଜାତିପ୍ରାଣ ମଧୁବାବୁଙ୍କ ତ୍ୟାଗପୁତ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଭିମାନ ଦିବସର ଆଭିମୁଖ୍ୟ ଓ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କବୟିତ୍ରୀ ସତ୍ୟଭାମା ମୁଦଲି ମଧୁବାବୁଙ୍କ ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଦ୍ୱିତିୟ ଅଧିବେଶନରେ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ମଧୁସୂଦନ ପାଢ଼ୀ ଓ କୁମାରୀ ଇପ୍ସିତା ସ୍ୱାଇଁ ସଂଯୋଜନାରେ ମଧୁସୂଦନଙ୍କ ଜୀବନୀ ଆଧାରିତ ଓ ସ୍ୱାଭିମାନ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ହରେକୃଷ୍ଣ ଗିରି, ସୀତାନାଥ ଦାସ, ମିନତୀ ପାତ୍ର, ଡ. ରତ୍ନାକର ସିଂହ, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଉପାଧ୍ୟା, ଷ୍ଟାଲିନ ମିଶ୍ର, ଦିବେନ୍ଦୁ ମଲ୍ଲିକ, କଞ୍ଚମଣି ସ୍ୱାଇଁ, ବାବୁଲି ନାୟକ, ସଇଦନ ବିବି, ଦୁଶମନ୍ତ ଦାସ, କବି ଚକ୍ରଧର ଦାସ, ସତ୍ୟ ନାରାୟଣ ପାକଳ, ନିରଞ୍ଜନ ମାହାର୍ଣ୍ଣା, ଜିତେନ୍ଦ୍ର କୁମାର ଘୋଷାଲ, ସଂଜୟ କୁମାର ପ୍ରଧାନ, ଯତିନ୍ଦ୍ରନାଥ ଜେନା, ରଶ୍ମିବାଳା ଦାସ, ଚକ୍ରଧର ଦାସ, ରାଧାରଞ୍ଜନ ଦାସ, ଇଶ୍ୱର ଚନ୍ଦ୍ର ବେହେରା, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କାଳୀଚରଣ ବିନ୍ଧାଣୀ ପ୍ରମୁଖ ସ୍ୱରିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଂ ମାନସ କୁମାର ପାଢ଼ୀ, ବାବୁଲା ନାୟକ, କମଳା ନାୟକ ଙ୍କ ସମେତ ସାହିତ୍ୟ ଘରର ସଦସ୍ୟ ଓ ସଦସ୍ୟା ମାନେ ସହାୟତା କରିଥିଲେ। ଶେଷରେ କୋଷାଧକ୍ଷ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ବୈଶାଖ ଅମାବାସ୍ୟା ତିଥିରେ କାଳଜୟୀ ସ୍ରଷ୍ଟା, ଗଣ ହୃଦୟର କବି ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ। ଗଣକବି ବୈଷ୍ଣବ ପାଣିଙ୍କ ନାମରେ ଏକ ସଂଗ୍ରହାଳୟ କରାଯାଇ କାଳଜୟୀ ସ୍ରଷ୍ଟାଙ୍କର ସମସ୍ତ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ଭାବେ ରକ୍ଷଣାବେକ୍ଷଣ କରିବା ପାଇଁ ଏହି ଅବସରରେ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ବାସନ୍ତୀ ତ୍ରିପାଠୀ, ବରିଷ୍ଠ ସଦସ୍ୟ ପ୍ରସନ୍ନ ରଥ, ଶରତ ଚନ୍ଦ୍ର ସାହୁ ଓ ମହେଶ୍ୱର ବିଶ୍ୱାଳଙ୍କ ସହିତ ଅକ୍ଷୟ ଜେଠୀ, ଗୋପୀମୋହନ ପଟ୍ଟନାୟକ, ସମରଂଜନ ମହାନ୍ତି, ରାମଚନ୍ଦ୍ର ସାମଲ ଓ ପ୍ରକାଶ ସାମଲ ପ୍ରମୁଖ ବହୁ ସଦସ୍ୟ ବରପୁତ୍ରଙ୍କ ଗୁଣଗାନ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋକ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଡିସେମ୍ବର ୨୨

## ପୁରା ରାଜ୍ୟକୁ କ'ଣ ମଶାରୀରେ ଢାଙ୍କି ହେବ?


ବାଦଲ ଭୂୟାଁ

କରୋନା ମାଡ଼ିଲା ପରି ସାରା ରାଜ୍ୟରେ ଡେଙ୍ଗୁ ମାଡ଼ି ଚାଲିଛି। ଡାକ୍ତର ଠାରୁ ପ୍ରଶାସନ ସମସ୍ତେ କହୁଛନ୍ତି ମଶାରୀ ଭିତରେ ରୁହ। ବର୍ତ୍ତମାନ ସମୟରେ ଯାହାଙ୍କୁ ଜଣେ ନିଜକୁ ଡେଙ୍ଗୁ ହୋଇଛି ବୋଲି କହିଲେ ଅତ୍ୟନ୍ତ ବିନୟ ଓ ସଚେତନଧର୍ମୀ କଥାଟିଏ ଶୁଣିବେ ଯେ ଡେଙ୍ଗୁ କିଛି ନୁହେଁ ମ, ଏହି ଆଜିଥ୍ରାଲ ଖାଇଦେବ, ଜର ହେଲେ ଜର ବଟିକା ଖାଇବ, ଦେହ ଟିକେ ଦୁର୍ବଳିଆ ଲାଗିବ, ଗ୍ଲୁକୋଜ ଡି ଫ୍ଲୋକନ ଡି ଟିକେ ପିଇ ଦେବ ଆଉ ମଶାରୀ ଭିତରେ ଯେପରି ପୁରା ଘରେ ସମସ୍ତେ ରହୁଥିବ। ବିଶେଷଜ୍ଞଙ୍କ ମତରେ ମ୍ୟାଲେରିଆ ଏବଂ ଫାଇଲେରିଆ ଭଳି ଡେଙ୍ଗୁ ସୃଷ୍ଟିକାରୀ ଏଡ଼ିସ ମଶା ଘର ଭିତରେ ଅଣ୍ଡା ଦେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା କଷ୍ଟ। ମଶା ତେଲ ମଧ୍ୟ ପକାଇବା ସମ୍ଭବ ନୁହେଁ। ତେଣୁ ଲୋକଙ୍କ ସଚେତନତା ଓ ସର୍ଭେଲାନ୍ସ ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞମାନଙ୍କ ଏ ମତ ଯେ ନିଶ୍ଚିତ ଭାବେ ସରକାରଙ୍କୁ ଆଶ୍ୱସ୍ତ କରିଥିବ ଏଥିରେ ସନ୍ଦେହ ନାହିଁ। ତେଣୁ ବାହାର ନାଳ ନର୍ଦ୍ଦମାରେ ବର୍ଜ୍ୟଜଳ ନିଷ୍କାସନ ଏବଂ ଏହାର ସଫେଇ ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଧେ। ଯେହେତୁ ଏବେ ଡେଙ୍ଗୁ ଅଣାୟତ୍ତ ହୋଇଛି, ଲକ୍ଷ୍ୟ କେବଳ ଡେଙ୍ଗୁ ମଶା ଉପରେ ରହିବା ଉଚିତ ଏଭଳି ଭାବିବା ବୋଧେ ଉଚିତ ନୁହେଁ। ବାହାର ନାଳ ନର୍ଦ୍ଦମାରେ ମ୍ୟାଲେରିଆ ଏବଂ ଫାଇଲେରିଆ ସୃଷ୍ଟିକାରୀ ମଶା ବଢ଼ିଲେ ଏହା କଣ ଲୋକଙ୍କ ପାଇଁ ଉପଭୋଗ୍ୟ ହେବ କି? ତେଣୁ ଡେଙ୍ଗୁ ନିୟନ୍ତ୍ରଣ ଦାୟିତ୍ୱ ଏବେ ଲୋକଙ୍କ ପାଖକୁ ଠେଲି ହୋଇଯାଇଛି ବିଶେଷଜ୍ଞମାନଙ୍କ ମତାମତ ବଳରେ।

କେବଳ ବୌଦ୍ଧ ଜିଲ୍ଲାକୁ ବାଦ ଦେଲେ ରାଜ୍ୟର ୨୯ଟି ଜିଲ୍ଲାକୁ ଏବେ ଡେଙ୍ଗୁ କବଳିତ କରିସାରିଛି। ଖୋର୍ଦ୍ଧା ଜିଲ୍ଲା ଏଥିରେ ସର୍ବାଗ୍ରେ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ଆମ ରାଜଧାନୀ ଭୁବନେଶ୍ୱର ଆସୁଛି। ଏଇଠି ପ୍ରଶ୍ନ ଉଠେ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇଛି। ଏଠି ବେଶି ଭାଗ ବଡ଼ ବଡ଼ିଆ ରହନ୍ତି। ସମସ୍ତେ ସଚେତନ ଏବଂ ସମସ୍ତଙ୍କ ଘର ଚାକଚକ। ତେଣୁ ଘର ଭିତରେ ମଶା ଅଣ୍ଡା ଦେବାର ସୁଯୋଗ ପାଇବେ କେମିତି ସେଇଟା ହିଁ ମୂଳ ପ୍ରଶ୍ନ। ଆଉ ଏକ ପ୍ରଶ୍ନ ହେଉଛି ଘର ଭିତରୁ ମଶା ମାନଙ୍କୁ ବାହାରକୁ ତଡ଼ିବା ପାଇଁ ବୋଧେ ବାହାରେ ସେମାନଙ୍କ ପାଇଁ ଲୋଭନୀୟ ଏବଂ ସୁରକ୍ଷିତ ଆଶ୍ରୟସ୍ଥଳ ତିଆରି କରିଛନ୍ତି ପୌରପାଳିକା। ବାହାରେ ଥିବା ନାଳ ନର୍ଦ୍ଦମାଗୁଡ଼ିକର ସଫେଇ ଉପରେ ବୋଧେ ଏଇ କାରଣରୁ ବିଶେଷ ଗୁରୁତ୍ୱ ଦିଆଯାଉନି। ମଶା ଯେଉଁ ପ୍ରଜାତିର ହୁଅନ୍ତୁ ନା କାହିଁକି ଯେଉଁ ରୋଗ ସୃଷ୍ଟି କରୁଥାନ୍ତୁ ନା କାହିଁକି ଏମାନଙ୍କ କାମୁଡ଼ା ଯେ କେବେ ବି ଉପଭୋଗ୍ୟ ନୁହେଁ ଏକଥା କହିବାର ଆବଶ୍ୟକତା ନାହିଁ। ତେଣୁ ଡେଙ୍ଗୁ ମଶା ଘର ଭିତରେ ଅଣ୍ଡା ଦିଏ କହି ବାହାର ନାଳ ନର୍ଦ୍ଦମାର ସଫେଇକୁ ହାଲକା କରିଦେବା ଏକ ଚାଲାକି କେବଳ।

ମୌସୁମୀ ଆରମ୍ଭ ହେଉ ହେଉ ରାଜଧାନୀରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ତେଣୁ ଅଣାୟତ୍ତ ହେବା ଯାଏ ପରିସ୍ଥିତି ଗଲା କାହିଁକି? ଏବେ କୁହାଯାଉଛି ଡେଙ୍ଗୁ ପ୍ରକୋପରୁ ନିକଟରେ ନିସ୍ତାର ନାହିଁ। ସେପ୍ଟେମ୍ବର ମାସ ଶେଷ ଆଡ଼କୁ ପ୍ରକୋପ କିଛିଟା କମିପାରେ, ତାହା ପୁଣି ବର୍ଷା ଉପରେ ନିର୍ଭର କରିବ। ଯଦି ଅକ୍ଟୋବର - ନଭେମ୍ବର ଯାଏଁ ବର୍ଷା ଲାଗି ରହିଲା ତା ହେଲେ ପ୍ରକୋପ ଜାରି ରହିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବର୍ଷାଦିନେ ଆସିଲେ ଅନାବନା ଜଙ୍ଗଲ ଏବଂ ବୁଦା ସୃଷ୍ଟି ହେବା ପରେ ହିଁ ଏସବୁକୁ ହଟେଇବା କାମ ଆରମ୍ଭ ହୁଏ। ସାରା ବର୍ଷ ଏ ଦିଗରେ କାମ କରିବା ପାଇଁ କଣ କିଏ ବିଏମସିକୁ ମନା କରିଛି? ନିୟମିତ ଭାବରେ ନାଳ ନର୍ଦ୍ଦମା ସଫେଇ ଏବଂ ସହରର ପରିଚ୍ଛନ୍ନତା ଉପରେ ଯଦି ଦୃଷ୍ଟି ଦିଆଯାଉଥାନ୍ତା ତାହେଲେ ବୋଧେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ଏବେ ପରିସ୍ଥିତି ଅଣାୟତ୍ତ ହେବା ପରେ କୁହାଯାଉଛି। ମଶାରୀ ଭିତରେ ଶୁଅନ୍ତୁ। ବିଶେଷଜ୍ଞମାନେ କହୁଛନ୍ତି - ଡେଙ୍ଗୁ ମଶା ଦିନବେଳା କାମୁଡ଼େ। ତେଣୁ ମଶାରୀ ଭିତରେ ଥାଇ କଣ ସବୁକାମ କରିହେବ? ପୁରା ଓଡ଼ିଶାକୁ କ'ଣ ମଶାରୀରେ ଢାଙ୍କି ହେବ? ତେଣୁ ମଶା ବଂଶ ଧ୍ୱଂସ କରିବା ଏକମାତ୍ର ଲକ୍ଷ୍ୟ ହେବା ଉଚିତ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

## କ୍ରୀଡ଼ା ସମ୍ବାଦ ଦାତାଙ୍କ ପାଇଁ ଦୁଇପଦ ପ୍ରେରଣା.....


ଗୋପୀନାଥ ଦାଶ

ବିଶ୍ୱରେ ହଜାର ହଜାର ପ୍ରକାର କ୍ରୀଡ଼ା ରହିଛି। ପ୍ରତି ଘଣ୍ଟାରେ କିଛି ନା କିଛି ଆଶ୍ଚର୍ଯ୍ୟଜନକ କ୍ରୀଡ଼ା ବିଷୟରେ ମଧ୍ୟ ଶୁଣିବାକୁ ମିଳୁଛି। ସାମ୍ବାଦିକ ମାନଙ୍କ ସମୟନିଷ୍ଠତା, ନିରପେକ୍ଷତା ଓ ପ୍ରତିଭା ପାଇଁ ବିଶ୍ୱର ଅଗଣିତ କ୍ରୀଡ଼ା ପ୍ରଶଂସକ କ୍ରୀଡ଼ା ସମ୍ପର୍କିତ ସୂଚନା ପାଇପାରୁଛନ୍ତି। ନିଜର ପସନ୍ଦ ଓ ମତ ଉପସ୍ଥାପନ କରିବାର ସୁଯୋଗ ବି ସେମାନଙ୍କୁ ମିଳୁଛି। ତେଣୁ କ୍ରୀଡ଼ା ପ୍ରୋତ୍ସାହନରେ କ୍ରୀଡ଼ା ସାମ୍ବାଦିକମାନଙ୍କ ଅବଦାନକୁ ଗୁରୁତ୍ୱ ଦେବା ପାଇଁ ପ୍ରତିବର୍ଷ ଜୁଲାଇ ୨ରେ ପାଳନ କରାଯାଏ ବିଶ୍ୱ କ୍ରୀଡ଼ା ସାମ୍ବାଦିକତା ଦିବସ। ୧୯୨୪ ମସିହା ଆଜିର ଦିନ ପ୍ୟାରିସ୍ ଠାରେ ଅଲିମ୍ପିକ୍ସ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ପ୍ରତିଷ୍ଠା ହୋଇଥିଲା ଇଣ୍ଟରନ୍ୟାସନାଲ ସ୍ପୋର୍ଟସ ପ୍ରେସ ଆସୋସିଏସନ। ସେଥିପାଇଁ ଏହି ଦିନକୁ ଏକ ସରକାରୀ ଦିବସ ଭାବେ ପାଳନ କରାଯାଏ। କ୍ରୀଡ଼ା ସାମ୍ବାଦିକତା ଆଜି ପ୍ରତ୍ୟେକ ମିଡ଼ିଆ ସଂସ୍ଥା ପାଇଁ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି। କ୍ରୀଡ଼ା କ୍ଷେତ୍ରରେ ଅନେକ ପ୍ରତିଭାବାନ ବଣମଲ୍ଲୀ ପରି କ୍ରୀଡ଼ାବିତମାନେ ଲୋକଲୋଚନର ଉହାଡ଼ରେ ରହି ଯାଉଛନ୍ତି। ବଡ଼ ଖୁସିର କଥା କ୍ରୀଡ଼ା ସମ୍ବାଦଦାତାମାନେ ଏ କ୍ଷେତ୍ରକୁ ଅତ୍ୟନ୍ତ ପ୍ରାଥମିକ ଓ ଗୁରୁତ୍ୱ ପ୍ରଦାନ କରି ଅନେକ କଷ୍ଟ ସ୍ୱୀକାର ପୂର୍ବକ ସେହି କ୍ରୀଡ଼ା ପ୍ରତିଭାବାନ ମାନଙ୍କ ବିଷୟରେ ସମାଜକୁ ଜଣାଇବା ପରେ ସେମାନେ ସମର୍ଥନ, ପ୍ରେରଣା, ପୃଷ୍ଠପୋଷକତା ପାଉଛନ୍ତି। ଏ କ୍ଷେତ୍ରରେ ସରକାରଙ୍କ ସହ ବେସରକାରୀ ସଂଗଠନ ଓ କ୍ରୀଡ଼ାକୁ ଭଲ ପାଉଥିବା ବ୍ୟକ୍ତିବିଶେଷ ଏପରିକି ଅନୁଷ୍ଠାନମାନେ ସହଯୋଗର ହାତ ବଢ଼ାଉଛନ୍ତି। କ୍ରୀଡ଼ା କ୍ଷେତ୍ର ଆଜିର ସମୟରେ ପିଲାମାନଙ୍କ ବ୍ୟବହାରିକ ଗୁଣକୁ ପରିବର୍ତ୍ତନ କରିବା ସହ ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ କ୍ରୀଡ଼ା ସୃଜନଶୀଳତା ବାହାରକୁ ଆସି ପାରୁଛି। କ୍ରୀଡ଼ା ସମ୍ବାଦ ସଂଗ୍ରହ କଲାବେଳେ ସମ୍ବାଦ ଦାତାମାନେ ଅନେକ କଷ୍ଟଲବ୍ଧ ଘଟଣା ଓ ସମୟକୁ ସାମ୍ନା କରିଥାନ୍ତି। ପ୍ରତିକୂଳତା ଭିତରେ ଯେଉଁ ସୁନ୍ଦର କ୍ରୀଡ଼ା ସମ୍ବାଦଟି ସମଗ୍ର ବିଶ୍ୱକୁ ଚମକାଇ ଦେଇଥାଏ ତା ପଛର ସ୍ରଷ୍ଟା ମାନଙ୍କୁ ଆଜିର ଦିବସରେ ଗଭୀର ସମ୍ମାନ ପୂର୍ବକ ଅଭିନନ୍ଦନ ଓ ପ୍ରଣାମ ଜଣାଉଛୁ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,
ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ଦୂରଭାଷ : ୮୮୯୫୨୯୬୧୬୭

# ଦାରିଦ୍ର୍ୟ ସୀମାରେଖା ତଳେ ଏବେବି ୨୩କୋଟି


ଗୋପାଳ ମହାପାତ୍ର

ଜାତୀୟ ଗଣମାଧ୍ୟମରେ ଏବେ କିଛିଦିନ ତଳେ ୩ଟି ବିରୋଧାଭାଷି ଖବର ପ୍ରକାଶ ପାଇଥିଲା। ପ୍ରଥମ ଖବରଟି ହେଉଛି ୨୬୨୩ ଜଣ ବିଭିନ୍ନ ବ୍ୟାଙ୍କରୁ ୧ ଲକ୍ଷ ୯୬ ହଜାର କୋଟି ଟଙ୍କା ଋଣ ନେଇ ଆଉ ପରିଶୋଧ କରୁ ନାହାନ୍ତି। ଦ୍ୱିତୀୟଟି ହେଉଛି ଦିଲ୍ଲୀ ସ୍ଥିତ ଥିଙ୍କଟ୍ୟାଙ୍କ ସେଣ୍ଟର ଫର ସିଭିଲସୋସାଇଟି ଦ୍ୱାରା କାନାଡାର ଫ୍ରେଜରଇନିଷ୍ଟିଚ୍ୟୁଟ ଦ୍ୱାରା ପ୍ରସ୍ତୁତ 'ବିଶ୍ୱର ଆର୍ଥିକ ସ୍ୱତନ୍ତ୍ରତା-୨୦୨୧' ବାର୍ଷିକ ରିପୋର୍ଟ ଜାରି କରାଯାଇଛି। ଏହି ରିପୋର୍ଟରେ ଆର୍ଥିକ ସ୍ୱତନ୍ତ୍ରତା ସୂଚକାଙ୍କରେ ଭାରତ ୮୭ ତମ ସ୍ଥାନରେ ରହିଛି। କାନାଡାର ଫ୍ରେଜରଇନିଷ୍ଟିଚ୍ୟୁଟ ୧୬୫ଟି ଦେଶ ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିଛି। ଗତ ବର୍ଷ ଏହି ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତ ୮୬ତମ ସ୍ଥାନରେ ଥିଲା। ତୃତୀୟ ଖବରଟି ହେଉଛି ୨୦୨୩ର ଗ୍ଲୋବାଲ ହଙ୍ଗରଇଣ୍ଡେକ୍ସ ରିପୋର୍ଟ ବାବଦରେ। ଏହି ରିପୋର୍ଟ ଭାରତକୁ ଗମ୍ଭୀର କ୍ଷୁଧା ମୃତ୍ୟୁ(ଖାଦ୍ୟାଭାବ ଜନିତ ମୃତ୍ୟୁ) ର ତାଲିକାରେ ସ୍ଥାନିତ କରିଛି। ଗ୍ଲୋବାଲ ହଙ୍ଗରଇଣ୍ଡେକ୍ସ ରିପୋର୍ଟରେ ପାକିସ୍ଥାନ ୧୦୨ତମ ସ୍ଥାନରେ ଥିବାବେଳେ ବଙ୍ଗଳାଦେଶ ୮୧ତମ ସ୍ଥାନରେ ରହିଛି ଓ ନେପାଳ ୬୯ତମ ସ୍ଥାନରେ ରହିଛି। ଶ୍ରୀଲଙ୍କା ଭଳି ଦେଶକୁ ରିପୋର୍ଟରେ ୬୦ ତମ ସ୍ଥାନରେ ସ୍ଥାନିତ କରାଯାଇଛି। ରିପୋର୍ଟ ଅନୁସାରେ ବିଶ୍ୱରେ ୩ଜଣ ଅତି ଗରିବଙ୍କ ମଧ୍ୟରୁ ଜଣେ ଭାରତୀୟ। ବୈଶ୍ୱିକ (ବିଶ୍ୱସ୍ତରରେ) ଆର୍ଥିକ ପ୍ରଗତିର ହିସାବକୁ ବିଶ୍ଳେଷଣ କଲେ ସ୍ପଷ୍ଟ ଯେ ଏବେ ଆମେରିକା ୨୬୯୫୪ଅରବ ଆମେରିକୀୟ ଡଲାରର ଜିଡିପି ସହିତ ବିଶ୍ୱର ସର୍ବବୃହତ ଅର୍ଥ ବ୍ୟବସ୍ଥା ଅଟେ। ଦ୍ୱିତୀୟରେ ରହିଛି ଚୀନ। ଚୀନ ୧୭୭୮୬ ଅରବ ଆମେରିକୀୟ ଡଲାର ସହ ବିଶ୍ୱରଦ୍ୱିତୀୟ ଅର୍ଥ ବ୍ୟବସ୍ଥା। ତୃତୀୟରେ ରହିଛି ଜର୍ମାନୀ। ଜର୍ମାନୀ ୪୪୩୦ ଅରବ ଡଲାର ସହ ବିଶ୍ୱର ତୃତୀୟ ଅର୍ଥ ବ୍ୟବସ୍ଥା ବୋଲି ରିପୋର୍ଟ ଉଲ୍ଲେଖ କରିଛି। ଜାପାନ ୪୨୩୧ ଅରବ ଆମେରିକୀୟ ଡଲାରର ୪ର୍ଥ ଅର୍ଥ ବ୍ୟବସ୍ଥା ବୋଲି କୁହାଯାଇଛି। ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ଅଟେ। ଭାରତ ୩୭୩୦ ଅରବ ଆମେରିକୀୟ ଡଲାରର ଅର୍ଥ ବ୍ୟବସ୍ଥା ବୋଲି ରିପୋର୍ଟ ଉଲ୍ଲେଖ କରିଛି। ରିପୋର୍ଟରୁ ସ୍ପଷ୍ଟ ଯେ ଭାରତର ଆର୍ଥିକ ବିକାଶ ଘଟିଛି। କିନ୍ତୁ ଅନ୍ୟ ପକ୍ଷରେ ବ୍ୟାଙ୍କମାନଙ୍କର ଅନାଦେୟ ଋଣ,ଦାରିଦ୍ର୍ୟ ତଥା ଅସମାନତା ପ୍ରସଙ୍ଗ ଚିନ୍ତାର ବିଷୟ ନିଶ୍ଚୟ। ଏବେବି ଭାରତରେ ୨୩ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଏସବୁ ପ୍ରସଙ୍ଗକୁ ତର୍ଜମା କଲେ ସ୍ୱତଃ ପ୍ରଶ୍ନ ଉଠେ ଯେ ଯଦି ଆମେ(ଭାରତ) ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ଓ ୩ୟବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହେବାର ଉଦ୍ୟମ କରୁଛେ ତେବେ ୨୦୨୮ ମସିହା ପର୍ଯ୍ୟନ୍ତ ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଦେବାକୁ ସରକାର ଘୋଷଣା କଲେ କାହିଁକି? କେବଳ ସେତିକି ନୁହେଁ ଅନେକ ମାଗଣା ଯୋଜନା ମଧ୍ୟ ସରକାର କାର୍ଯ୍ୟକାରୀ କରୁଛନ୍ତି କାହିଁକି? କ'ଣ ଅଧିକାଂଶ ଭାରତୀୟ ସବୁବେଳେ ସରକାରୀ ପ୍ରଶୟରେ ଚାଲୁଥିବା ଯୋଜନାରେ ଗୁଜୁରାଣ ମେଣ୍ଟାଇବେ ? ଯେତେବେଳେ ବିଶ୍ୱସ୍ତରର ଅର୍ଥବ୍ୟବସ୍ଥାର ଚିତ୍ର ଭାରତ ପାଇଁ ଶୁଭ ସଙ୍କେତ ଦେଉଛି ସେତେବେଳେ ଋଣ ପରିଶୋଧ ନକରିବା କାରଣରୁ ବ୍ୟାଙ୍କମାନଙ୍କର ସ୍ଥିତି ଖରାପ ହେଉଛି ଯାହା ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟୁଛି। ଏହା ଶୁଭଂକର ଯେ ଭାରତର ଅର୍ଥବ୍ୟବସ୍ଥାରେ ପାରମ୍ପରିକ ଗ୍ରାମାଞ୍ଚଳର ଚାଷ, କୃଷି ଉତ୍ପାଦନ ବୃଦ୍ଧି, ହସ୍ତଶିଳ୍ପ ଏବଂ ଆଧୁନିକ ଉଦ୍‌ଯୋଗର ଯୋଗଦାନ ରହିଛି। ବିଦେଶରେ ଭାରତର ଅନେକ ଶିକ୍ଷିତ ଯୁବକ ସୂଚନା,ପ୍ରାଦ୍‌ଯୋଗୀକି,ବ୍ୟବସାୟ ଏବଂ ସଫ୍ଟୱେୟାରକ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏମାନେ ବିଦେଶରେ ଭାରତର ଗୌରବକୁ ରକ୍ଷା କରୁଛନ୍ତି। ଦେଶରେ ଆଇନ କାନୁନ ରହିଛି। କିନ୍ତୁ ଏହା ସତ୍ୱ? ୨୬୨୩ଜଣ ବିଭିନ୍ନ ବ୍ୟାଙ୍କରୁ ୧ ଲକ୍ଷ ୯୬ ହଜାର କୋଟି ଟଙ୍କାର ଋଣ ପରିଶୋଧ କରୁନଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ଠୋସ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ଏହି ୨୬୨୩ଜଣ ଯେଉଁ ୧ ଲକ୍ଷ ୯୬ ହଜାର କୋଟି ଟଙ୍କା ଋଣ ନେଇଛନ୍ତି ସେହି ଅର୍ଥ କ'ଣ ଏ ଦେଶର ସାଧାରଣ ଲୋକଙ୍କର ବ୍ୟାଙ୍କମାନଙ୍କରେ ସଞ୍ଚିତ ଜମାରାଶି ନୁହେଁ କି ? ମୋଟା ଅଙ୍କର ଋଣ ନେଇ ଅନେକ ଠକ ମଧ୍ୟ ବିଦେଶ ଚାଲି ଯାଇଛନ୍ତି। ସରକାର ଅନେକ ସମୟରେ କୋଟିକୋଟି ଟଙ୍କା ଋଣ ନେଇ ପରିଶୋଧ କରୁନଥିବା ବ୍ୟକ୍ତିଙ୍କ ଋଣ ଛାଡ କରିଦେଉଛନ୍ତି କିନ୍ତୁ ସାଧାରଣ ଋଣ ଗ୍ରହିତାଙ୍କୁ ଋଣ ପରିଶୋଧ କରିବା ପାଇଁ ତାଗିଦ୍ ପରେ ତାଗିଦ୍ ଏପରିକି ବାଧ୍ୟ କରାଯାଉଛି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳାସୀତାରମଣ ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ ପାଖାପାଖି ୧୦ ଲକ୍ଷ ୬୦ ହଜାର କୋଟି ଟଙ୍କାର ଅନାଦେୟ ଋଣ ରାଇଟ ଅଫ କରାଯାଇଛି।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ମହାପାତ୍ର ନୀଳମଣି ସାହୁ


ଡ଼ଃ.ଅରୁନ୍ଧତୀ ଦେବୀ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ। ସେ ଏକଧାରରେ ଔପନ୍ୟାସିକ, ଗାଳ୍ପିକ ଓ ପ୍ରାବନ୍ଧିକ। ସମାଲୋଚନା, ରମ୍ୟ ରଚନା, ଶିଶୁ ସାହିତ୍ୟ, କବିତା, ଅନୁବାଦ, ଆଧ୍ୟାତ୍ମିକ ରଚନା ଓ ସଂପାଦନ କ୍ଷେତ୍ରରେ ମଧ୍ୟ ତାଙ୍କର ଶକ୍ତିଶାଳୀ ଉପସ୍ଥିତି ସ୍ପଷ୍ଟ ଅନୁଭବ କରାଯାଏ। ତାଙ୍କ ଗଳ୍ପର ଭାଷା ଚିତ୍ରମୟ, ବର୍ଣ୍ଣମୟ ଓ ମନନଧର୍ମୀ। ତାଙ୍କ ଗଳ୍ପଗୁଡ଼ିକର କଥାବସ୍ତୁର ବ୍ୟାପକତା ଦେଖିଲେ, ବିସ୍ମିତ ହେବାକୁ ହୁଏ। ସେ ବାସ୍ତବବାଦୀ ସାହିତ୍ୟିକ। ତାଙ୍କ ନିଜ ଭାଷାରେ ମୋର ବିଶ୍ୱାସ, ମୁଁ ମୋର ଜୀବନରେ ଯାହା କିଛି ଲେଖେଁ କିଛି ମିଛ ଲେଖେନାହିଁ। ମୋ ମନରୁ ଗୋଟେ କିଛି ଫାନ୍ଦିକରି ଲେଖେନାହିଁ। ଜଗତ୍‌ରେ ଯାହାଘଟେ, ତାହା ମୁଁ ନିଜେ ଅନୁଭବ ନକରି ଲେଖେନାହିଁ। ଆଉ ମଧ୍ୟ ଆମର ଏ ଜଗତରେ ଯାହା କିଛି ଘଟିବା ଉଚିତ ବୋଲି ମୁଁ ମନେକର, ତାହା ବି ମୁଁ ନିଜେ ମୋ ଜୀବନରେ ପ୍ରଥମେ ପ୍ରୟୋଗ ନ କରି ଲେଖେନାହିଁ। ମୁଁ ମୋ ଜୀବନରେ ଅନେକ ମିଛ କଥା ପାଟିରେ କହିଛି। କିନ୍ତୁ ଗୋଟିଏ ହେଲେ ବି ମିଛ ଶବ୍ଦ ମୋ ଲେଖନୀରୁ ବାହାରିନାହିଁ। ମହାପାତ୍ର ନୀଳମଣି ଲେଖୁଥିଲେ ଓଡ଼ିଆ ଭାଷାଭାଷୀଙ୍କ ପାଇଁ। ନିଜ ଲେଖାଗୁଡ଼ିକର ହିନ୍ଦୀ ବା ଇଂରେଜୀ ଅନୁବାଦ ପାଇଁ ତାଙ୍କର ଆଗ୍ରହ ନଥିଲା। କେବଳ ଓଡ଼ିଆ ପାଠକ ପାଠିକାଙ୍କର ଅଭିମତ ଶୁଣିବା ଲାଗି ସେ ସର୍ବଦା ବ୍ୟଗ୍ର ଥିଲେ। ସେ ସମାଜ ସଚେତନ ଲେଖକ। ସତ୍ୟ ପଛରେ ଧାଇଁଲା ବେଳେ ସେ ଦାର୍ଶନିକ ଓ ଯୋଗୀ। ଶିବ ବା ମଙ୍ଗଳ ପଛରେ ଧାଇଁଲା ବେଳେ ସେ କର୍ମୀ। ୧୯୬୫-୧୯୬୯ ଝଙ୍କାର ପତ୍ରିକାର ସଂପାଦକ ଦାୟିତ୍ୱ ତୁଲାଇଥିଲେ। ଅଧ୍ୟାପନା ଥିଲା ତାଙ୍କର ବୃତ୍ତି। ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ୧୯୮୪ରେ ବିଜେପିରୁ ଉପାଧ୍ୟକ୍ଷ ଭାବେ ଅବସର ନେଇଥିଲେ। ଧରା ଓ ଧାରା, ତାମସୀ ରାଧା, ରାନୁ ଅପାଠାରୁ ପୁଷି ପର୍ଯ୍ୟନ୍ତ, ସୁମିତ୍ରାର ହସ, ଆମେ ଓଡ଼ିଆ, ଯାଆ ନିଶା ସର୍ବଭୂତେଷୁ ଆଦି ତାଙ୍କର ଶ୍ରେଷ୍ଠ କୃତି ତାଲିକା ଅନ୍ତର୍ଭୁକ୍ତ। ୧୯୨୬ ଡିସେମ୍ବର ଆଜିର ଦିନରେ ନିଆଳିରେ ସେ ଜନ୍ମ ହୋଇଥିଲେ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ସର୍ବେ ସନ୍ତୁଃ ନିରାମୟା


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସଭ୍ୟତାର ଶ୍ରୀବୃଦ୍ଧି ସହିତ ମନୁଷ୍ୟର ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅଭୂତପୂର୍ବ ଉନ୍ନତି ଘଟିଛି। କିନ୍ତୁ ଠିକ୍ ସେହିଭଳି ଭାବରେ ଅବହେଳା ହୋଇଛି ମନୁଷ୍ୟର ଅସ୍ତିତ୍ୱର ଆଚାର ଅର୍ଥାତ୍ ସଦାଚାର। ସ୍ୱାସ୍ଥ୍ୟ ଓ ସଦାଚାର ଏପରି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଯେ ଗୋଟିକର ଅବହେଳାରେ ଅନ୍ୟଟି ମଧ୍ୟ କ୍ଷତିଗ୍ରସ୍ତ ହୁଏ। ତେଣୁ ଆଜିକାଲି ବିଶେଷ ଭାବରେ ଦେଖାଯାଏ ଯେ ମନୁଷ୍ୟ ସ୍ୱାସ୍ଥ୍ୟ ସଚେତନ ହୋଇ ମଧ୍ୟ ସଦାଚାର ହୀନତା ନିମିତ୍ତ ନାନା ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଆକ୍ରମଣରେ ପୀଡ଼ିତ, ଶଙ୍କିତ ଓ ବ୍ୟତିବ୍ୟସ୍ତ। ମାନବ ସମାଜର ମାନସିକ ଓ ସାମାଜିକ ଅବକ୍ଷୟର ପଟ୍ଟଭୂମିରେ ସ୍ୱାସ୍ଥ୍ୟ-ସଦାଚାର ଓ ଚିକିତ୍ସା ଚିକିତ୍ସକ ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିଗ୍‌ଦର୍ଶନ ଏତେ ପ୍ରାସଙ୍ଗିକ, ମୌଳିକ ଓ ବିଜ୍ଞାନ ସମ୍ମତ ଯେ ତାହା ବିଂଶଶତାବ୍ଦୀର ଏକ ଆଶ୍ଚର୍ଯ୍ୟଜନକ ପରିପ୍ରକାଶ। ଏଗୁଡ଼ିକର ସୁନିଷ୍ଠ ପ୍ରୟୋଗ ଓ ପରିପାଳନ ବର୍ତ୍ତମାନ ସଂକଟମୟ ଅବସ୍ଥାରୁ ତ୍ରାଣଲାଭ କରିବାର ଏକମାତ୍ର ସହଜତମ ପଥ - ଏ ବିଷୟରେ ସନ୍ଦେହର ଅବକାଶ ନାହିଁ। ୨୦.୧୦-୧୯୩୯ ମସିହାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସଦାଚାର ସମ୍ବନ୍ଧରେ କହିଛନ୍ତି - ପ୍ରତ୍ୟେକ ସଦାଚାର ନୀତିର ସ୍ୱାସ୍ଥ୍ୟକର ଫଳ ଅଛି। ଅଜ୍ଞାତ କୁଳଶୀଳ କାହା ହାତରେ ଖାଇବା ଠିକ୍ ନୁହେଁ। ଶରୀର ନିମିତ୍ତ ଖାଦ୍ୟପେୟ ସମ୍ବନ୍ଧରେ ବିଶେଷ ସାବଧାନ ହେବା ଆବଶ୍ୟକ। କେଉଁ ବ୍ୟକ୍ତିର କଣ ରୋଗ ଅଛି ତାହା ଜଣାନାହିଁ। ଜଣେ ହୁଏତ ସଂକ୍ରମଣ ସହନଶୀଳ, କିନ୍ତୁ ତା ହାତରୁ ଅନ୍ୟମାନେ ଖାଇଲେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ଅଛି। ସ୍ୱପାକ ହିଁ ଶ୍ରେୟ। ଦୋକାନରେ ନଖାଇବା ହିଁ ଭଲ। ସଦାଚାର ବିହୀନ ବିପ୍ର ହାତରେ ମଧ୍ୟ ଖାଇବା ନିଷେଧ। ଅନ୍ୟ ବିଛଣାରେ ଶୋଇବା ଉଚିତ ନୁହେଁ। ଅନ୍ୟ ବ୍ୟକ୍ତିର ଲୁଗା ପିନ୍ଧିବା ମଧ୍ୟ ନିଷେଧ। ଗୋମୟରେ ଘର ଲିପିଲେ ଏଥିରେ ବହୁତ ଜୀବାଣୁ ନଷ୍ଟ ହୋଇଯାଆନ୍ତି। ସ୍ୱପାକରେ କଷ୍ଟ ହୁଏ କିନ୍ତୁ ନଷ୍ଟ ହୁଏ ନାହିଁ। ଶରୀରକୁ ସହନପଟୁ ଓ ପ୍ରକୃତି ସଙ୍ଗେ ଖାପ ଖୁଆଇ ନେବା ଉଚିତ। ଶରୀରକୁ ଇଷ୍ଟପୂଜାର ଯନ୍ତ୍ର ହିସାବରେ ବ୍ୟବହାର କରି ସୁସ୍ଥ ଓ ସହନପଟୁ ରଖିବା ଉଚିତ ଓ ଏହି ଦୃଷ୍ଟିଭଙ୍ଗୀ ନେଇ ଚାଲିବା ଉଚିତ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ - ମୋର ମନେହୁଏ ମନୁଷ୍ୟ ଯଦି କଠୋର ପରିଶ୍ରମ କରେ, ଠିକ୍ ଭାବରେ ନାମଧ୍ୟାନ କରେ, ମାନସିକ ଶାନ୍ତି ଯଦି ବଜାୟ ରଖେ, ତେବେ ଡାଲମା ଭାତ ହିଁ ଯଥେଷ୍ଟ ପୁଷ୍ଟିକାରକ ହୋଇଉଠେ। ସଦାଚାର ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ କଳ୍କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି (୮.୯.୧୯୪୨) - ପରିସ୍ରା ପରେ ପାଣି ନେବ, ନାକ ଓ ମୁହଁରେ ଆଙ୍ଗୁଳି ଦେଇ ହାତ ଧୋଇବ, ଅନ୍ୟର ବ୍ୟବହୃତ ଜିନିଷ ଯଥା ଜାମା, ଲୁଗା, ଗାମୁଛା, ବିଛଣା ଇତ୍ୟାଦି ବ୍ୟବହାର କରିବ ନାହିଁ, ଝାଡ଼ା ଯିବା ପରେ ଖୁବ ଭଲ କରି ସଫା ହେବ, ନିତ୍ୟ ବ୍ୟବହୃତ ଜିନିଷ ଗୁଡ଼ିକ ସବୁ ସମୟ ପରିଷ୍କାର ପରିଚ୍ଛନ୍ନ ରଖିବ, ଅସୁଖ-ବିସୁଖ ହେଲେ ରୋଗର ସଂକ୍ରମଣ ଯେପରି ନ ବଢ଼େ ସେଥିପ୍ରତି ସଜାଗ ରହିବ, ଅନ୍ୟର ଅଇଁଠା ଖାଇବ ନାହିଁ, ଗୋଟିଏ ଥାଳିରେ ସମସ୍ତେ ମିଶି ଖାଇବ ନାହିଁ, ଫଳ ପରିବା ଇତ୍ୟାଦି ଭଲ ଭାବରେ ଧୋଇ ଖାଇବ, ବାସନ ଇତ୍ୟାଦି ଭଲ ଭାବରେ ଧୋଇବ, ଋତୁମତୀ ମା ମାନେ ଶୁଦ୍ଧାଚାରରେ ଚାଲିବେ, ରେଷ୍ଟୁରାଣ୍ଟ ବା ଦୋକାନରେ ଚା ବା ଜଳଖିଆ କଦାପି ଖାଇବ ନାହିଁ, ବାହାରୁ ଆସି ହାତ ପାଦ ଧୋଇ ଘରେ ପ୍ରବେଶ କରିବ, ବାସି ଲୁଗା ପିନ୍ଧି ଖାଦ୍ୟଦ୍ରବ୍ୟ ସ୍ପର୍ଶ କରିବନାହିଁ, ରୋଷେଇଘରେ ଅଗାଧୁଆ ପଶିବ ନାହିଁ, ଆମିଷ ଆହାର ବର୍ଜନ କରିବ, ପିଆଜ-ରସୁଣ ଓ ମାଦକ ଦ୍ରବ୍ୟ ବର୍ଜନ କରିବ, କଦାଚାରୀ ଲୋକର ହାତରେ ଖାଇବ ନାହିଁ, ନିୟମିତ ବ୍ୟବଧାନରେ ଉପବାସ କରିବ, ଖାଇବା ପୂର୍ବରୁ ହାତଗୋଡ଼ ମୁହଁ ଧୋଇ ଖାଇବ, ନିୟମିତ ଭାବରେ ସ୍ନାନ କରିବ ଇତ୍ୟାଦି। ପରିମିତ ଆହାର, ବିହାର, ଶ୍ରମ ଓ ବିଶ୍ରାମ ନେବା ଦ୍ୱାରା ସ୍ୱାସ୍ଥ୍ୟ ସୁସ୍ଥ ରହେ। ପାରିପାର୍ଶ୍ୱିକଙ୍କୁ ସଦାଚାରୀ କରି ଉଠାଇବ। ସମସ୍ତଙ୍କ ସହିତ ଶୁଭ ସଙ୍ଗତି ନେଇ ଚାଲିବ ଓ ନିଜେ ଏବଂ ଅନ୍ୟମାନଙ୍କ ସହ ସ୍ଫୁର୍ତ୍ତି ସହକାରେ ରହିବ। ଏଗୁଡ଼ିକ ଠିକ୍ ଠିକ୍ ଭାବରେ ପାଳନ କଲେ ସମାଜର ସ୍ୱାସ୍ଥ୍ୟ ସୁସ୍ଥ ରହିବ। ଏହା ବାଦଦେଇ ରୋଗୀର ସେବା ଶୁଶ୍ରୂଷା ଯେଉଁମାନେ କରିବେ ସେମାନଙ୍କର ପ୍ରଧାନ ଗୁଣ ହେଲା - ରୋଗୀର ମାନସିକ ସ୍ୱାସ୍ଥ୍ୟ ପ୍ରତି ବିଶେଷକରି ନଜର ଦେବେ ଓ ରୋଗୀର ମନକୁ ଉଦ୍ଦୀପ୍ତ ଓ ଉତ୍‌ଫୁଲ୍ଲ କରି ତୋଳିବେ। ପ୍ରୀତିକର ପରିବେଶ ନହେଲେ ମନ ଭଲ ଲାଗେନାହିଁ। ଏହିସବୁ ପରିଷ୍କାର ପରିଚ୍ଛନ୍ନତା ହେଉଛି ଶାରୀରିକ ସଦାଚାରର ଅଙ୍ଗ। ପୁନର୍ବାର ଯୁଗପୁରୁଷୋତ୍ତମ ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମାନସିକ ସଦାଚାର ଅର୍ଥ ମାନସିକ ସ୍ତରରେ ଏପରି ଚିନ୍ତା କରିବ ଓ ଏପରି ଭାବ ପୋଷଣ କରିବ ଯାହା ବଞ୍ଚିବା ଓ ବଢ଼ିବାରେ ସହାୟକ ହୁଏ। କୁତ୍ସିତ, ଅପବିତ୍ର ଓ ସଂକୀର୍ଣ୍ଣ ସ୍ୱାର୍ଥପରତା ମନକୁ ଦୁର୍ବଳ କରେ। ସେଗୁଡ଼ିକ ମାନସିକ ସଦାଚାରର ବିରୋଧୀ। ଅନ୍ୟପ୍ରତି ଦ୍ରୋହ ବୁଦ୍ଧି, ଅନ୍ୟର ଅମଙ୍ଗଳ କାମନା କରିବା, ଅନ୍ୟର କ୍ଷତି କରିବା, ପାରସ୍ପରିକ ପ୍ରୀତି ଓ ଐକ୍ୟ ପରିବର୍ତ୍ତେ ବିରୋଧ ଓ ବିଚ୍ଛେଦର କଳ୍ପନା କରିବା ଇତ୍ୟାଦିକୁ ମାନସିକ ଅସଦାଚାର କୁହାଯାଏ। ଗୋଟିଏ କଥାରେ ଇଷ୍ଟ ନିଷ୍ଠା ଓ ଇଷ୍ଟ ଚଳନ ହିଁ ମାନସିକ ସଦାଚାରର ପ୍ରଧାନ ଅଙ୍ଗ। ସଦାଚାର ପାଳନ ନକରୁଥିବା ବ୍ୟକ୍ତିଙ୍କ ହାତରୁ ଖାଇବା ଉଚିତ ନୁହେଁ। ନଖ ସନ୍ଧିରେ ଲକ୍ଷ ଲକ୍ଷ ବ୍ୟାକ୍ଟେରିଆ ବା ଭୂତାଣୁ ରହନ୍ତି। କିନ୍ତୁ ସୁସ୍ଥ ସଦାଚାରୀ ଓ ବିହିତ ସଂସ୍କାରଶୁଦ୍ଧ ହେଲେ ସେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ ନା କାହିଁକି ତାଙ୍କ ହାତରୁ ଖାଇବାର କୌଣସି ବାଧା ନାହିଁ। ଲଙ୍କା ବେଶୀ ଖାଇଲେ ପେଟ ଓ ମସ୍ତିଷ୍କ ଉତ୍ତେଜିତ ହୁଏ। ଅତ୍ୟନ୍ତ ଦୃଢ଼ କଣ୍ଠରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - କେବଳ ସଦାଚାର ପାଳନ କଲେ ହେବନାହିଁ। ସ୍ୱାସ୍ଥ୍ୟ ରକ୍ଷାର ସମସ୍ତ ବିଧି ପାଳନ କରିବାକୁ ହେବ। ସଦାଚାର ହେଉଛି ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ। ଏହି ତିନୋଟିର ସଙ୍ଗତି ଯଦି ନହୁଏ ସଦାଚାର ପୂର୍ଣ୍ଣ ହୁଏନାହିଁ। ସଙ୍ଗତି ହେଲେ ବିଭିନ୍ନ ସ୍ତରରେ ପାରସ୍ପରିକ ଭାବରେ ସଦ୍‌ସନ୍ଦୀପନା ସହ ଶକ୍ତି ସମୃଦ୍ଧ ହୁଏ। ଇଷ୍ଟ, ବ୍ୟଷ୍ଟି ଓ ପରିବେଶ ଏହି ତିନିଟିର ସଙ୍ଗତି ହିଁ ଜୀବନ। ମୃତ୍ୟୁକୁ ମଧ୍ୟ ଅତିକ୍ରମ କରିହୁଏ। ପୁଣି ମୃତ୍ୟୁ ଭିତରେ ଯଦି ସ୍ମୃତିବାହୀ ଚେତନା ଲାଭ କରାଯାଏ ତାହା ହେଲେ ମରି ମଧ୍ୟ ମଣିଷ ଅମର ହୋଇ ରହେ। ଆୟୁଷକୁ ମଧ୍ୟ ନିୟମିତ ସାଧନା ମାଧ୍ୟମରେ ବୃଦ୍ଧି କରାଯାଇପାରେ। ଧର୍ମ ଓ ବିଜ୍ଞାନର ଯଦି ସମନ୍ୱୟ ଘଟେ ତେବେ ମନୁଷ୍ୟର ଆୟୁବୃଦ୍ଧି ହେବ। ମୃତ୍ୟୁ ଅନିବାର୍ଯ୍ୟ ହେଲେ ମଧ୍ୟ ତାହା ନିବାର୍ଯ୍ୟ ହୋଇପାରେ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସକାଳେ ଥାଲକୁଡ଼ି ପତ୍ର ଖାଇବାକୁ କହିଛନ୍ତି। ଥାଲକୁଡ଼ିର ଅନ୍ୟ ନାମ ଅମୃତା। ଅମୃତ ପରି କାମ କରେ। ଛୁଁତ୍‌ମାର୍ଗ ତ୍ୟାଗ କରା ଭଲ କିନ୍ତୁ ସଦାଚାର ତ୍ୟାଗ କରିବା ଭଲ ନୁହେଁ। ସଦାଚାର ଓ ସ୍ୱପାକୀ ଯେଉଁମାନେ ସେମାନେ ଅନେକ ରୋଗ ଏଡ଼ାଇ ଚାଲିପାରନ୍ତି। ରୋଗମାନେ ଶରୀର-ମାନସ ଅସଙ୍ଗତି। ଆରୋଗ୍ୟମାନେ ପୁନର୍ବିନ୍ୟାସ। ରୁଗ୍‌ଣ ଅବସ୍ଥାରେ ନାମ ଧ୍ୟାନ ପରାୟଣ ଓ ଆତ୍ମବିଶ୍ଳେଷଣ ମୁଖର ହୋଇ ଅଭ୍ୟସ୍ତ ଦୈହିକ ଓ ମାନସିକ ଅନଚାର ଓ କଦାଚାର ଗୁଡ଼ିକୁ ପ୍ରତ୍ୟକ୍ଷ କରି ସେଗୁଡ଼ିକର ନିରସନ କରିଲେ ପ୍ରାୟଶ୍ଚିତ ହୁଏ।

ନାମ ଧ୍ୟାନ ଓ ସଦାଚାର ମାଧ୍ୟମରେ ଶରୀର ପ୍ରାଣ ପୁରିତ ହୋଇଉଠେ। ଆଧ୍ୟାତ୍ମିକ ସଦାଚାର ବିଷୟରେ ବ୍ୟାଖ୍ୟା କରିବାକୁ ଯାଇ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କରିଛନ୍ତି - ଶ୍ରୀମଦ୍ ଭଗବତ ଗୀତାରେ ଅଛି - ଏକ ଭକ୍ତି ର୍ବିଶିଷ୍ୟତେ। ଏକ ଭକ୍ତି ପରାୟଣତା ବା ଅକାଟ୍ୟ ଇଷ୍ଟ ନିଷ୍ଠା ହିଁ ଆଧ୍ୟାତ୍ମିକ ସଦାଚାର। ଏହାକୁ କଦାପି ଛାଡ଼ିବ ନାହିଁ। ସତ୍ତାସ୍ପର୍ଶୀ ଇଷ୍ଟାନୁରାଗ ହେଲା ଆଧ୍ୟାତ୍ମିକ ସଦଚାର ଓ ଏହାର ଭିତ୍ତି ଉପରେ ହିଁ ମାନସିକ ଓ ଶାରୀରିକ ସଦାଚାର ଗଢ଼ି ଉଠେ। ପୁଣି ଶାରୀରିକ ସଦାଚାର ନଥିଲେ ମଧ୍ୟ ମାନସିକ ଓ ଆଧ୍ୟାତ୍ମିକ ସଦାଚାର ବ୍ୟାହତ ହୁଏ। କରଣୀୟ କର୍ମ ଠିକ୍ ସମୟରେ ନକରିଲେ ମନୁଷ୍ୟ ରୋଗକୁ ଆହ୍ୱାନ କରେ। କାରଣ ଏହାଦ୍ୱାରା ଜୀବନାବେଗ କମିଯାଏ। ମନୁଷ୍ୟ ଅଳସ ହୋଇଉଠେ। ସ୍ନାୟୁର ପ୍ରତିରୋଧ କ୍ଷମତା କମିଯାଏ। ବିହିତ କର୍ମ କରିଲେ ମନୁଷ୍ୟର ଜୀବନୀ ଶକ୍ତି ବୃଦ୍ଧିପାଏ। ଶରୀରର ଯତ୍ନ ନିଅ - ଏଇଟା ହିଁ ପ୍ରଥମ ଠାକୁରଘର। ମାନସିକ ସ୍ୱାସ୍ଥ୍ୟ ଉପରେ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ନିର୍ଭରଶୀଳ, ତେଣୁ ମନର ଶୁଦ୍ଧତା, ସୁସ୍ଥତା ଓ ସରଳତାର ନଜର ରଖିବାକୁ ହୁଏ। ମନୁଷ୍ୟ ଯେତେ ପ୍ରବୃତ୍ତି ପରାୟଣ ଓ ସ୍ୱାର୍ଥ ସନ୍ଧିତ୍ସୁ ହୁଏ ସେତେ ପରିମାଣରେ ମନ ରୁଗଣ ଓ ସଂକୀର୍ଣ୍ଣ ହୋଇ ଉଠେ। ମାନସିକ ସ୍ୱାସ୍ଥ୍ୟ କ୍ଷୁର୍ଣ୍ଣ ହେଲେ ରୋଗବ୍ୟାଧି ଶରୀରରେ ସୃଷ୍ଟିହୁଏ। ପାରିପାର୍ଶ୍ୱିକ ଯେଭଳି ସୁସ୍ଥ, ସଦାଚାରୀ, ଶୁଦ୍ଧ ଓ ପ୍ରଫୁଲ୍ଲ ରହନ୍ତି ସେ ଦିଗକୁ ମଧ୍ୟ ସକ୍ରିୟ ଦୃଷ୍ଟି ଦେବାକୁ ପଡ଼େ। ଏହାଦ୍ୱାରା ମାନସ ପ୍ରେରଣା ବଢ଼େ ଓ ଜୀବନୟ ଉଲ୍ଲାସର ଆର୍ବିଭାବ ହୁଏ। ପରିଶ୍ରମ ଓ ବିଶ୍ରାମ ଆବଶ୍ୟକ। ଇଷ୍ଟ ତପସ୍ୟା ରୋଗ ପ୍ରତିଷେଧକ କ୍ଷମତା ତ୍ୱରାନ୍ୱିତ କରେ ଓ ସଦାଚାର ତାହା ପରିରକ୍ଷିତ କରେ। ଉପବାସରେ ପ୍ରବୃତ୍ତି ଗୁଡ଼ିକ ଦୁର୍ବଳ ହୁଏ, ତେଣୁ ଭକ୍ତି ବଢ଼ିଯାଏ। ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁଃ ନିରାମୟା।

*ସହପ୍ରତିରକ୍ଷିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ମାନସିକ ରୋଗ ଓ ଡାକ୍ତର


ଡାକ୍ତର ସମ୍ରାଟ କର

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ। ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ। ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା। ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ। ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା। ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ। ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ। ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ। ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ। ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି। ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି। ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି। ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ।

ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁମୂର୍ଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭଉଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀଙ୍କୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ। ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡ଼େଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି। ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।

*ମାନସିକରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୫ଟି ଅଧ୍ୟକ୍ଷ ଠକ Pandian ଙ୍କୁ ସାକ୍ଷାତ କଲା କନ୍ଧମାଳ ପିପୁଲସ୍ ଫୋରମ୍



କନ୍ଧମାଳ:( ସୂର୍ଯ୍ୟ ନାରାୟଣ ବେହେରା),(ପି.ଏନ): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସଂଗଠନ କନ୍ଧମାଳ ପିପୁଲସ୍ ଫୋରମ୍ କଚର ପକ୍ଷରୁ ଠକ Pandian 5T ଓ ନବୀନ ଓଡ଼ିଶା ର ଅଧ୍ୟକ୍ଷ ଙ୍କୁ ସାକ୍ଷାତ କରି କନ୍ଧମାଳ ଜିଲ୍ଲାରେ ଚ଼ାଲିଥିବା ସରକାରୀ ମେଡ଼ିକାଲ୍ କଲେଜ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଶ୍ଵ ଅଧ୍ୟକ୍ଷ ଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି, ତା ସହିତ କନ୍ଧମାଳ ଜିଲ୍ଲାର ମନ୍ଦିର,ମଠ, ଚ଼ର୍ଚ୍ଚ ଓ ମସଜିଦ୍ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ଧନ୍ୟବାଦ୍ ଦେଇଛନ୍ତି। ତତ୍ ସହିତ କନ୍ଧମାଳ ଜିଲ୍ଲାର ଫୁଲବାଣୀ ମେଡ଼ିକାଲ୍ ରେ ଡାକ୍ତର ସମସ୍ୟା ସମାଧାନ, ସରକାରି ଜାଗା ( encrochment land)ରେ ଘର କରିଥିବା ଲୋକଙ୍କୁ ସ୍ଥାୟୀ ଘରବାରୀ ପଟ୍ଟା ଯୋଗାଇବାକୁ ଦାବି କରିଛନ୍ତି। ସମ୍ବଲପୁର ଗୋପାଳପୁର ଭାୟା ଫୁଲବାଣୀ ରେଳ ଲାଇନ୍ ଫୁଲବାଣୀ ସଦର ମହକୁମାକୁ ସଂଲଗ୍ନ କରିବା ସହିତ କନ୍ଧମାଳ ଜିଲ୍ଲାକୁ ଇକୋ ଟୁରିଜୀୟମ ହବ୍ ( eco Tourism hub) ପାଇଁ ଦାବି କରିଛନ୍ତି, ଏଭଳି ପାଞ୍ଚ ଦଫା ଦାବି ପୂରଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ବୋଲି କଚର ପ୍ରତିଷ୍ଠାତା ତଥା ସଭାପତି ଶ୍ରୀଯୁକ୍ତ ରାଧାମୋହନ ମହାପାତ୍ର ସୁଚ଼ନା ଦେଇଛନ୍ତି।

# ଅହମଦିୟା ମୁସଲିମ ଜମାତ୍ ତରଫରୁ କମଳ ବ ନ



ଭୁବନେଶ୍ୱର,(ପି.ଏନ): ଅହମଦିଆ ମୁସଲିମ ଜମାତ ସଂଗଠନ ପକ୍ଷରୁ ଭୁବନେଶ୍ୱରର ରାସ୍ତାକଡ, ଷ୍ଟେସନ, ବସଷ୍ଟାଣ୍ଡ ଆଦି ଅଂଚଳରେ ଆଶ୍ରୟ ନେଉଥିବା ଅସହାୟ ଲୋକମାନଙ୍କୁ ଶୀତବସ୍ତ୍ର ତଥା କମଳ ବ ନ କରାଯାଇଛି। ସେହିପରି ତମାଣ୍ଡ ଅନ୍ଧ ପରିବାରଙ୍କୁ ମଧ୍ୟ ଏହି ଅନୁଷ୍ଠାନ ପକ୍ଷରୁ ଶୀତ ବସ୍ତ୍ର ବ ନ କରାଯିବା ସହ ଖାଦ୍ୟ ପୁଡିଆ ଓ ପାନୀୟଜଳ ଦିଆଯାଇଥିଲା। ଏହି ମହତ କାର୍ଯ୍ୟରେ ଅନୁଷ୍ଠାନର ସଦସ୍ୟ ମହମ୍ମଦ ଅମିନ, ପରଭେଜ୍ ସିରାଜ, ତାହେର ଅହମ୍ମଦ,ଫିରୋଜ, ଅହମ୍ମଦ ସଲାମ, ଏମ୍ ରେହମାନ, ମୌଲାନ ଅବଦୁଲ ପ୍ରମୁଖ ସାମିଲ ଥିଲେ। ସଂସ୍ଥାର ଏହା କାର୍ଯ୍ୟକୁ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଇଛି।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ୍ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ଥରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ପିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ସୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


## ୫ଟି ଅଧ୍ୟକ୍ଷ ଠକ Pandian ଙ୍କୁ ସାକ୍ଷାତ କଲା କନ୍ଧମାଳ ପିପୂଲସ୍ ଫୋରମ୍

କନ୍ଧମାଳ:( ସୂର୍ଯ୍ୟ ନାରାୟଣ ବେହେରା),(ପି.ଏନ): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସଂଗଠନ କନ୍ଧମାଳ ପିପୂଲସ୍ ଫୋରମ୍ କଚର ପକ୍ଷରୁ ଠକ ଚବଭୟସବଭ ୫ଞ ଓ ନବୀନ ଓଡ଼ିଶା ର ଅଧ୍ୟକ୍ଷ ଙ୍କୁ ସାକ୍ଷାତ କରି କନ୍ଧମାଳ ଜିଲ୍ଲାରେ ଚ଼ାଲିଥିବା ସରକାରୀ ମେଡ଼ିକାଲ୍ କଲେଜ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଶ୍ଵ ଅଧ୍ୟକ୍ଷ ଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି, ତା ସହିତ କନ୍ଧମାଳ ଜିଲ୍ଲାର ମନ୍ଦିର,ମଠ, ଚ଼ର୍ଚ୍ଚ ଓ ମସଜିଦ୍ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ଧନ୍ୟବାଦ୍ ଦେଇଛନ୍ତି। ତତ୍ ସହିତ କନ୍ଧମାଳ ଜିଲ୍ଲାର ଫୁଲବାଣୀ ମେଡ଼ିକାଲ୍ ରେ ଡାକ୍ତର ସମସ୍ୟା ସମାଧାନ, ସରକାରି ଜାଗା ( encrochment land)ରେ ଘର କରିଥିବା ଲୋକଙ୍କୁ ସ୍ଥାୟୀ ଘରବାରୀ ପଟ୍ଟା ଯୋଗାଇବାକୁ ଦାବି କରିଛନ୍ତି। ସମ୍ବଲପୁର ଗୋପାଳପୁର ଭାୟା ଫୁଲବାଣୀ ରେଳ ଲାଇନ୍ ଫୁଲବାଣୀ ସଦର ମହକୁମାକୁ ସଂଲଗ୍ନ କରିବା ସହିତ କନ୍ଧମାଳ ଜିଲ୍ଲାକୁ ଇକୋ ଟୁରିଜୀୟମ ହବ୍ ( eco Tourism hub) ପାଇଁ ଦାବି କରିଛନ୍ତି, ଏଭଳି ପାଞ୍ଚ ଦଫା ଦାବି ପୂରଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ବୋଲି କଚର ପ୍ରତିଷ୍ଠାତା ତଥା ସଭାପତି ଶ୍ରୀଯୁକ୍ତ ରାଧାମୋହନ ମହାପାତ୍ର ସୁଚ଼ନା ଦେଇଛନ୍ତି।


# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ '

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟର୍‌ନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ

ଖୋର୍ଦ୍ଧା (ପିଏନ୍): ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସହୀଦ, ମହାନ ବିପ୍ଳବୀ, ଓଡିଆ ଜାତିର ଅସ୍ମିତା, ବୀରତ୍ୱର ପ୍ରବାଦପୁରୁଷ ଭାବେ ପରିଚିତ ଜୟୀ ରାଜଗୁରୁଙ୍କ ତମ ଜୟନ୍ତୀ ଉତ୍ସବ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ଯୁଥ କ୍ଲବ ପକ୍ଷରୁ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଗଡଖୋର୍ଦ୍ଧା ଛକ ସ୍ଥିତ ପଂଚପାଇକ ପୀଠ ପରିଷ୍କାର ସହ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ 'ପାଇକ ବିଦ୍ରୋହ ସଂଗ୍ରାମରେ ଜୟୀ ରାଜଗୁରୁ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗ ଦେଇ କହିଲେ ଯେ, ଜୟୀ ରାଜଗୁରୁଙ୍କ ବୀରତ୍ୱ, ଗାରିମା, ଦେଶପ୍ରେମ ଅତୁଳନୀୟ। ତିଥି ଅନୁସାରେ ପବିତ୍ର ଅଳାଁ ନବମୀରେ ଏହି ମହାନ ସ୍ୱାଧିନତା ସଂଗ୍ରାମୀ ଜନ୍ମଗ୍ରହଣ କରିଥିଲେ। ଜୟୀ ରାଜଗୁରୁଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ସେ ଖୋର୍ଦ୍ଧା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜଦରବାରରେ ରାଜଗୁରୁ ସହ ସେନାବାହିନୀର ମଧ୍ୟ ମୁଖ୍ୟ ଥିଲେ। ପୁରୀ ଜିଲାର ବୀରହରେକୃଷ୍ଣପୁର ଗ୍ରାମରେ ଚାନ୍ଦ ରାଜଗୁରୁ ଓ ମାତା ହାରାମଣି ଦେବୀଙ୍କ ଔରସରୁ ଜାତ ଜୟୀ ପିଲାବେଳୁ ସ୍ୱାଧିନଚେତା ଏବଂ ନିର୍ଭୀକ ଥିଲେ। ମୁକୁନ୍ଦଦେବ ଦ୍ୱିତୀୟ ନାବାଳକ ରାଜା ଥିବାରୁ ସମସ୍ତ ରାଜକାର୍ଯ୍ୟରେ ଗଜପତିଙ୍କୁ ସହଯୋଗ କରୁଥିଲେ। ବ୍ରିଟିଶମାନେ ଓଡ଼ିଶାରୁ ମରହଟାମାନଙ୍କୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡିଥିଲେ। ପ୍ରତିଦାନସ୍ୱରୂପ ମରହଟାମାନେ ଗଜପତିଙ୍କଠାରୁ ଛଡାଇ ନେଇଥିବା ଚାରି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ ଓ ଲିମ୍ବାଇ ଫେରାଇବେ। ତେବେ ଯୁଦ୍ଧରେ ବିଜୟ ଲାଭ ପରେ ଇଂରେଜମାନେ ପ୍ରତିଶ୍ରୁତି ରକ୍ଷାକଲେ ନାହିଁ। ଫଳରେ ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧରେ ପରାସ୍ତ ହୋଇ ନାବାଳାକ ରାଜାଙ୍କୁ ବଂଚାଇବାକୁ ଯାଇ ସମସ୍ତ ଦୋଷ ନିଜ ଉପରକୁ ନେଇଥିଲେ। ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ମେଦିନାପୁର ନିକଟବର୍ତ୍ତୀ ବାଘୀତୋଟାର ବରଗଛର ଦୁଇଟି ଡାଳକୁ ଭିଡିଆଣି ବିପ୍ଳବୀ ଜୟୀଙ୍କ ଦୁଇଗୋଡ ବାନ୍ଧି ଡାଳ ଦୁଇଟିକୁ ଛାଡି ଦିଆଗଲା। ତାଙ୍କ ଶରୀର ଦୁଇ ଫାଳ ହୋଇଗଲା। ଅତି ନିର୍ମମ ଭାବେ ତାଙ୍କୁ ହତ୍ୟା କରାଯାଇଥିଲା। ଓଡ଼ିଆ ଜାତି ତାଙ୍କ ନିକଟରେ ସର୍ବଦା ନମସ୍ୟ। ତାଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଖୋର୍ଦ୍ଧା ଜିଲା ସିଟିଜେନ ଫୋରମ ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଜୟୀ ପାଇକ ବିଦ୍ରୋହର ବୀଜ ବୁଣିଥିଲେ। ପରବର୍ତ୍ତୀ ସମୟରେ ଏହା ଭୟଙ୍କର ରୂପ ଧାରଣ କରିଥିଲା। ଏହାର ଅନେକ ପ୍ରସଙ୍ଗ ଆଜି ବି ସମାଜର ଆଡୁଆଳରେ ରହିଯାଇଛି। ଏହା ଗବେଷଣାସାପେକ୍ଷ ବୋଲି ସେ କହିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଲେ, ଇତିହାସକୁ ଭୁଲିଗଲେ ଐତିହ୍ୟ ନଷ୍ଟ ହୋଇଯିବ। ୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଯୁଦ୍ଧ, ୧୮୧୭ରେ ଗଣଯୁଦ୍ଧରେ ପରିଣତ ହୋଇଥିଲା। ପାଇକ ସଂଗ୍ରାମର ମୂଳଦୁଆ ଜୟୀ ରାଜଗୁରୁଙ୍କ ଦ୍ୱାରା ପଡିଥିଲା। ଅଥଚ ଭାରତ ଅଥବା ଓଡ଼ିଶା ସରକାର ତାଙ୍କୁ ବର୍ତମାନ ପର୍ଯ୍ୟନ୍ତ ଭାରତର ପ୍ରଥମ ସହୀଦର ଆଖ୍ୟା ପ୍ରଦାନ କରିନାହାନ୍ତି। ସେ ଜଣେ ସ୍ୱାଧିନତା ସଂଗ୍ରାମୀ ବୋଲି ଗ୍ରହଣ କରିନାହାନ୍ତି। ଜୟୀ ରାଜଗୁରୁଙ୍କୁ ଯେପରି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା ତାହା ପୃଥିବୀ ଇତିହାସରେ ଏପରି ଘଟିନାହିଁ। ତାଙ୍କ ସଂଗ୍ରାମମୟ ଜୀବନୀ ଲୋକଲୋଚନକୁ ଆସିବା ଦରକାର। ଆଜି ମଧ୍ୟ ତାଙ୍କ ଫାଶୀସ୍ଥାନକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଦ୍ୱିମତ ରହିଛି। ଇତିହାସରେ ଜୟୀଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ଯୁବ ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡଙ୍ଗା, ପ୍ରବୀଣ ଭଞ୍ଜ, ଦିଲୀପ ପଟ୍ଟନାୟକଙ୍କ ସମେତ ବିଜେବି ହାଇସ୍କୁଲର ଛାତ୍ର ପ୍ରତ୍ୟୁଷ ମହାପାତ୍ର, ତନ୍ମୟ ମାର୍ଥା, ପ୍ରିୟରଞ୍ଜନ ବିଶ୍ୱାଳ, ଓମ ପ୍ରକାଶ ସୁବୁଦ୍ଧି, ବିଷ୍ଣୁ ଗୋଛି ପ୍ରମୁଖ ଉପସ୍ଥିତ ଥିଲେ।

## ଦେଓମାଳି ପର୍ବତ ଶୃଙ୍ଗରେ କବି ସୁନୀଲ ମିଶ୍ରଙ୍କ 'ଶବ୍ଦ ଯେ ଅମୃତ' ପୁସ୍ତକ ଉନ୍ମୋଚିତ

ବାଙ୍କୀ/କଟକ/ଭୁବନେଶ୍ୱର (ପିଏନ୍): ଓଡ଼ିଶା ସୀମା ସୁରକ୍ଷା ଅଭିଯାନର 'ଚାଲ ଦେଓମାଳି, ଚାଲ କୋଟିଆ' ଅଭିଯାନରେ ସାମିଲ ହୋଇଥିବା ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ତଥା ସୁ-ସାହିତ୍ୟିକ, ଶିକ୍ଷକ ସୁନୀଲ କୁମାର ମିଶ୍ରଙ୍କ ପୁସ୍ତକ 'ଶବ୍ଦ ଯେ ଅମୃତ' ରାଜ୍ୟର ଉଚ୍ଚତମ ଶୃଙ୍ଗ ଦେଓମାଳି ପାହାଡ଼ ଉପରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ସୀମା ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ବିଶିଷ୍ଟ ଗାନ୍ଧୀବାଦୀ ସର୍ବୋଦୟ ନେତା, କବି ତଥା ଶିକ୍ଷାବିତ୍ କୃଷ୍ଣ ସିଂହଙ୍କ ଦ୍ୱାରା ଉକ୍ତ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। 'ଅ'ଠାରୁ 'କ୍ଷ' ଅକ୍ଷର କ୍ରମେ ବର୍ଣ୍ଣମାଳା ଭିତ୍ତିରେ ଏକ ହଜାର ଏକ ସାରସ୍ୱତ ବାଣୀର ଏକତ୍ର ସଂକଳନ ଉକ୍ତ ପୁସ୍ତକକୁ କଟକର ଶକ୍ତି ପବ୍ଲିଶର୍ସ ପ୍ରକାଶନ କରିଛନ୍ତି। ଉକ୍ତ ସାଂସ୍କୃତିକ ସ୍ୱାଭିମାନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ, କୋରାପୁଟର ପ୍ରାକ୍ତନ ଜିଲ୍ଲାପାଳ ଗଦାଧର ପରିଡା, ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର, ଓଡ଼ିଶା ଜନ ଅଧିକାର ପରିଷଦ ସଭାପତି ବିଜୟ ପରିଡ଼ା, ଭାଷା ଆନ୍ଦୋଳନର ନେତା ମୂରଲୀଧର ଭାଷ୍ୟମ୍ ଯୋଗ ଦେଇଥିଲେ। ସଭାପତି ଶ୍ରୀଯୁକ୍ତ ଶତପଥୀ କବି ସୁନୀଲ ମିଶ୍ରଙ୍କ ଦେଶପ୍ରେମ, ପୂଜ୍ୟପୂଜା ପ୍ରାଣ, ସାରସ୍ୱତ ସ୍ମୃତିକୁ ପ୍ରଶଂସା କରି କୋଟିଆ ଚାଲ ଅଭିଯାନରେ କବିଙ୍କ ଯୋଗଦାନକୁ ସାଂସ୍କୃତିକ ପ୍ରେରଣା ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ ସାଂସ୍କୃତିକ ଓ ସୀମା ସୁରକ୍ଷା ଅଭିଯାନରେ ବାଙ୍କୀରୁ କବି କୌଶିକ ନାୟକ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରତ୍ନତତ୍ତ୍ୱ ଗବେଷକ ରବୀନ୍ଦ୍ର କୁମାର ରଣା, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ, ସାମାଜିକ କର୍ମୀ ଧନେଶ୍ୱର ବଳୀୟାର ସିଂହ, ଆଇନଜୀବୀ ରଣଜିତ ତ୍ରିପାଠୀ, କବି କାମଦେବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଗୀତାଜାଗରଣ ପରିଷଦ ପକ୍ଷରୁ ଭାଗବତ କଥାମୃତ ଆଲୋଚନା ଉଦ୍‌ଘାଟିତ



ଯାଜପୁର (ପିଏନ୍): ଯାଜପୁରର ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସପ୍ତଦିବସ ବ୍ୟାପୀ ଭାଗବତ କଥାମୃତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବକୁ ଯାଜପୁରର ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ଉଦ୍‌ଘାଟକଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୀତା ଜାଗରଣ ପରିଷଦର ସଭାପତି ଆଡ୍‌ଭୋକେଟ୍ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆକାଶ ଦୀପ ପ୍ରଜ୍ୱଳନ କରାଯିବା ସହିତ ପବିତ୍ର ବୈତରଣୀ ନଦୀ ତଟରେ ବୈତରଣୀ ମାତାଙ୍କୁ ବନ୍ଦାପନା କରାଯାଇଥିଲା। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ସଂପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିବା ସହିତ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂସ୍କୃତବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ଭାଗବତ ସମସ୍ତ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ଉ ମ ଅଟେ ଏବଂ ଏହା ପାଠ କରିବା ଦ୍ୱାରା ମନୁଷ୍ୟର ସମସ୍ତ ପାପ ଖଣ୍ଡନ ହୋଇଥାଏ ବୋଲି ସେ ବକ୍ତବ୍ୟ ଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସକ ବନବିହାରୀ ମହାପାତ୍ର ଯୋଗଦେଇ ଭାଗବତର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରେରଣା ପଣ୍ଡା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବାହ୍ନରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବସନ୍ତ କୁମାର ପତି, ପଣ୍ଡିତ ବାସୁଦେବ ମିଶ୍ର, ଅଧ୍ୟାପକ ରମାକାନ୍ତ ବରାଳ ବିଚାରକ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଗଦାଧର ରାଉତ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସୁବାସ ମହାପାତ୍ର, ରବିନାରାୟଣ କର, ହୃଷିକେଶ ପତି, ସନ୍ତୋଷ ସ୍ୱର୍ଣ୍ଣକାର, ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ପାଗଳା ପାଣି, ସମିର ନାୟକ, ଅକ୍ଷୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହ-ସଂପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମାତୃଭୂମି ସେବା ସଂସ୍ଥାର ଗୋପବନ୍ଧୁ ଜୟନ୍ତୀ ପାଳନ

ବାଲେଶ୍ୱର (ପିଏନ୍)- ମାତୃଭୂମି ସେବା ସଂସ୍ଥା ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ଦୁଷ୍ମନ୍ତ ସାର୍, ନାଟ୍ୟକର ବିଜୟ କୁମାର ମହାକୁଡ଼, ସେବା ସଂଗଠନ ଓଡ଼ିଶାର ଅଧ୍ୟକ୍ଷ ତଥା ବଡ଼ପାଳ ସରପ କମଳ ଲୋଚନ ପଣ୍ଡାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ଆଗାମୀ ଦିନରେ ସଂଗଠନର ନିଃସ୍ୱାର୍ଥପର ସେବା ଜାରି ରହିବ ବୋଲି ମତ ବ୍ୟକ୍ତ କରିଥିଲେ।

# ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟା


ଯୋଜନା ଅର୍ଥାତ୍ ସରକାରୀ ଯୋଜନା। ଆଜି ଦିନରେ ସରକାରଙ୍କ ଯେତେ ଯୋଜନା ଆସୁଛି, ତନ୍ମଧ୍ୟରେ ଅଧିକାଂଶ ଭୋଟକୈନ୍ଦ୍ରିକ। କେତେଗୁଡିଏ ଯୋଜନା କେବଳ ଲୋକମାନଙ୍କୁ ନିଜ ନେତାମାନଙ୍କ ଆଡକୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ନୂଆଖାଇରେ କାଳିଆ ଟଙ୍କା ଆବଂଟନକୁ ଏକ ଦୃଷ୍ଟାନ୍ତ ଭାବରେ ମଧ୍ୟ ନିଆଯାଇପାରେ। କରଦାତାଙ୍କର କୋଟିକୋଟି ଟଙ୍କା ବଂଟାଗଲା ସତ ହେଲେ ତାର ସୁଫଳ ସେହି ଅନୁସାରେ ମିଳିବା ଅସମ୍ଭବ ପରି ଦିଶୁଛି। ଯାହା ପ୍ରଚାର ପ୍ରସାର ହେଉଛି ତାହା ବାସ୍ତବିକତାଠାରୁ ଢେର ଦୂରରେ। ହଁ! ସରକାରଙ୍କୁ ନାଁ ମିଳିଲା, ଭୋଟ ମଧ୍ୟ ମିଳିବ। ହେଲେ ଦେଶଦଶର ଉନ୍ନତିରେ ଏପରି ମାଗଣା ବଂଟନ ପ୍ରକ୍ରିୟା ବିଶେଷ ଭାବରେ ବାଧକ ସୃଷ୍ଟି କରିବା ସ୍ୱାଭାବିକ। ଏମିତି ଏକ ଯୋଜନା ଟଙ୍କିକିଆ ଚାଉଳ। ଟଙ୍କିକିଆ ଚାଉଳ ବଂଟନ ବାବଦକୁ ସରକାର ଯାହା ଖର୍ଚ୍ଚ କରୁଛନ୍ତି ତାହା ଶୁଣିଲେ ସାଧାରଣ ଲୋକଙ୍କ ହୋସ୍ ଉଡିଯିବ। ପ୍ରାୟ ଅଠାବନ ଲକ୍ଷ ପରିବାର ପାଇଁ ଦୁଇଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରତିବର୍ଷ ଖର୍ଚ୍ଚ ହେଉଛି। ଏହା ଏକ ଏମିତି ଯୋଜନା, ଯାହାକୁ କେହି ସର୍ବସମକ୍ଷରେ ପ୍ରଶଂସା କରିବାର ଦେଖାଯାଉନି ସତ; କିନ୍ତୁ ନେତାଙ୍କଠାରୁ ଜନତା ସମସ୍ତେ ଏହାର ପକ୍ଷଧର। ଏହାକୁ ବନ୍ଦ କରିବା କାଠିକର ପାଠ। ଯେଉଁ ଦଳ ବି ସରକାରରେ ରହୁ, ଏପରି ଯୋଜନାକୁ ବନ୍ଦ କଲା ମାତ୍ରକେ ଜନତା ଆକ୍ରୋଶର ଶିକାର ହୋଇ ସରକାର ଯିବାଟା ଥୟ।

ଅନ୍ୟମାନଙ୍କ କଥା ଛାଡନ୍ତୁ, ଯେଉଁମାନଙ୍କୁ ଏହି ଚାଉଳ ମିଳୁଛି, ସେମାନଙ୍କ ମଧ୍ୟରୁ ନବେ ପ୍ରତିଶତ କୃଷକ। ଜମି ଅଛି, କିନ୍ତୁ ଚାଷ କରୁନାହାନ୍ତି। କାରଣ ସେ ଯଦି ଧାନଚାଷ କରି ଚାଉଳ ପେଷେଇବେ ଚାଉଳ କିଲୋ ଅତି କମ୍‌ରେ କୋଡିଏ ଟଙ୍କା ଉପରେ ସେମାନଙ୍କୁ ଦେୟ ପଡିବ। ତା'ପରେ ସମସ୍ତେ ତ' ଟଙ୍କିକିଆ ଚାଉଳ ଖାଇ ଗାଁମୁଣ୍ଡ ବରଗଛ ଛାଇ ପଡିଥିବା ଚନ୍ଦିନିରେ ଦିନରାତି ତାସ ଖେଳରେ ସମୟ କାଟିଲେ, ମୂଲ କିଏ ଲାଗିବ? ଆଜିକାଲି ମୂଲିଆ ମଜଦୂର୍ ବି ଗାଁଗହଳିରେ ଆଉ ବିଲବାଡି କାମ ପାଇଁ ମିଳୁନାହାନ୍ତି। ସବୁ କାମ କ'ଣ ଯନ୍ତ୍ରଦ୍ୱାରା ସମ୍ଭବ! ପୁରୁଷ ଲୋକ ଅଳସୁଆ କର୍ମକୋଢ଼ ହେଲାବେଳକୁ ସ୍ତ୍ରୀ ଲୋକମାନେ ଆଉ ପାଣି କୂଅରୁ କାଢିବାକୁ ସୁଯୋଗ ପାଉନାହାନ୍ତି। ସବୁ ଗାଁରେ ନଳକୂପ ଓ ସପ୍ଲାଏ ପାଣି ଯୋଜନା ପହଁଚିବ। ଧାନ ଶୁଖା, ଧାନ ବସା, ଉଷୁନା ଧାନ ପାଇଁ ଖରାରେ କେତେ ପରିଶ୍ରମ ହେଉଥିଲା, ଆଉ ସେଗୁଡା କିଛି ନାହିଁ। ଅମଳ ପରେ ସିଧା ବସ୍ତାଭରି ମଣ୍ଡିକି ଚାଲିଲେ। ନାରଣା କହୁଛି ବିଲଧାନର ଚାଉଳ ଅପେକ୍ଷା ଟଙ୍କିକିଆ ଚାଉଳ ସୁଆଦିଆ, ତା' ଛୁଆମାନେ ନିଜ ଜମି ଚାଉଳ ଖାଇବାକୁ ମଙ୍ଗୁନାହାନ୍ତି। ଗହିରମଥା ଉପରୁ ଆଉ ଆମର କ୍ଷେତଖଳିହାନ ଆଗପରି ସବୁଜିମାଭରା ଦିଶୁନି କି ଚାଷୀପୁଅର ବଳିଷ୍ଠ ବପୁବାଲା ଚେହେରା ଆଉ ନାହିଁ। ସେ କାଳ ଲଙ୍ଗଳ ଯୁଆଳୀ ଶଗଡଦଣ୍ଡା ଖଳା ପରମ୍ପରା ଆଉ ଅଳ୍ପ ଦିନରେ ଇତିହାସ ପାଲଟିବାକୁ ବସିଲାଣି। ଏଣୁ ସରକାରଙ୍କ ନିକଟରେ ଏକ ବିନମ୍ର ପ୍ରାର୍ଥନା ଯେ ସବୁ ଯୋଜନାର ପାର୍ଶ୍ୱ ପ୍ରତିକ୍ରିୟାଗୁଡିକୁ ପୁନର୍ବାର ତର୍ଜମା କରାଯାଉ। ଯେଉଁସବୁ ଯୋଜନା ମଣିଷକୁ କର୍ମକୋଢ଼ ଅଳସୁଆ କରୁଛି ଏବଂ ସମାଜକୁ ଏକ ବିଧ୍ୱଂସକ ପରିଣତି ଆଡକୁ ଟାଣିନେଉଛି, ସେଗୁଡିକୁ ସସ୍ୱାହସର ସହ ବନ୍ଦ କରାଯାଇ ଦେଶଦଶର ଉନ୍ନତି ବିଷୟରେ ଚିନ୍ତା କରାଯାଉ!

## ଅନୁମତି ନମିଳିବାରୁ ସୂଚନା ଅଧିକାର କର୍ମୀଙ୍କ ତହସିଲ ସମ୍ମୁଖରେ ଧାରଣା ବାତିଲ

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ତହସିଲ ସମ୍ମୁଖରେ ଧାରଣା ଦେବା ପାଇଁ କରିଥିବା ଆବେଦନକୁ ପ୍ରଶାସନ ତରଫରୁ ଅନୁମତି ନମିଳିବା ଯୋଗୁଁ ଧାରଣା ବାତିଲ କରାଯାଇଛି । ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରିଆ ବହୁ ଘଟଣା ଉପରେ ଆରଟିଆଇ ମାଧ୍ୟମରେ ବିଭିନ୍ନ କାର୍ଯ୍ୟାଳୟରୁ ତଥ୍ୟ ମାଗିଥା'ନ୍ତି । ତେବେ ଗତ ୩ ମାସ ହେଲା ସେ ଏକ ଘଟଣା ଉପରେ ଧର୍ମଶାଳା ତହସିଲରୁ ଏକ ସୂଚନା ମାଗିଥିବା ବେଳେ ତହସିଲ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନଥିଲା । ତେବେ ସେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନିରାଶ ହେବା ପରେ ଯଦି ତାଙ୍କୁ କିଛି ତଥ୍ୟ ନମିଳେ ତେବେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୪ ତାରିଖରୁ ଧାରଣା ଦେବେ ବୋଲି ତହସିଲଦାରଙ୍କୁ ୧୫ ଦିନ ପୂର୍ବରୁ ଲିଖିତ ଭାବେ ଅବଗତ କରିଥିଲେ । ଏହି ଧାରଣା ଦେବା ପାଇଁ ସରକାରଙ୍କ ସମସ୍ତ ନୀତିନିୟମକୁ ମାନି ସେ ପ୍ରଶାସନ ନିକଟରେ ଆବେଦନ କରିଥିଲେ । ହେଲେ ଶେଷ ମୁହୂର୍ତରେ ପ୍ରଶାସନ ତାଙ୍କୁ ଅନୁମତି ପ୍ରଦାନ କରିନାହିଁ । ଯାହାଫଳରେ ଶ୍ରୀ ବେହୁରିଆ ମ୍ରିୟମାଣ ହୋଇପଡିଛନ୍ତି । ସରକାରଙ୍କ ସମସ୍ତ ନିୟମ ମାନି ଗଣତନ୍ତ୍ରିକ ପଦ୍ଧତିରେ ଧାରଣା ଦେବା ପାଇଁ ସେ ସମସ୍ତ ପ୍ରକାର ବ୍ୟବସ୍ଥା ସାରିଦେଇଥିବା ବେଳେ ଧର୍ମଶାଳା ପୁଲିସ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାର ଆଳ ଦେଖାଇ ଅନୁମତି ପ୍ରଦାନ ନକରିବକୁ ଯାଜପୁର ଉପଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ । ଯାହାଫଳରେ ଶେଷ ମୁହୂର୍ତରେ ଉପଜିଲ୍ଲାପାଳ ଅନୁମତି ପ୍ରଦାନ କରିନଥିଲେ । ଫଳରେ ଶ୍ରୀ ବେହୁରିଆ ନିଜର ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ହୋଇଛନ୍ତି । ତେବେ ଏଥିପାଇଁ ଧର୍ମଶାଳା ଥାନା ଅଧିକାରୀଙ୍କୁ ଦାୟୀ କରିବା ସହ ଏନେଇ ତାଙ୍କ ସମର୍ଥକଙ୍କ ସହ ସେ ଯାଜପୁର ଏସପିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ବାତୋ ପଂଚାୟତ ଅନ୍ତର୍ଗତ ତମ୍ପୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବ୍ରଜେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଙ୍କଜ ଜେନା ଓ ଗୋଲଖ ବିହାରୀ ବରାଳଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ବରାଳଙ୍କ ସଂଯୋଜନାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଘଷିପୁରା ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ବ୍ଲକର ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ଖୁ ିଆ, ବ୍ରଜେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ନରହରି ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ବାତୋ ସରପଂଚ ଝରଣା ଜେନା, ସମିତିସଭ୍ୟ ତରଣୀସେନ ବରାଳ, ନିଖିଳ ଉତ୍କଳ ଶିକ୍ଷକ ସଂଘ ସଭାପତି ଗୋବର୍ଦ୍ଧନ ଜେନା, କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ଦୁଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ମହନୀୟତା ଓ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସେମାନଙ୍କ ଅବସର ସମୟ ସୁସ୍ଥ ଓ ନିରାମୟ ହେବାକୁ କାମନା କରିଥିଲେ । ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ତମ୍ପୋ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

ବାଲେଶ୍ୱର (ପିଏନ୍)- ଖନ୍ତାପଡା ଥାନା ଅନ୍ତର୍ଗତ ଖନ୍ତାପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ଯୁବକଙ୍କୁ ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗି ଦିଆଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗ୍ରାମର କରୁଣାକର ପଣ୍ଡାଙ୍କ ପୁଅ ଅଭୟ କୁମାର ପଣ୍ଡାଙ୍କ ସହ ଗ୍ରାମର କିଛି ଲୋକଙ୍କର ବିବାଦ ଲାଗିରହିଥିଲା। ଗ୍ରାମର ମଧ୍ୟସ୍ଥି ଦ୍ୱାରା ଦୁଇଦିନ ପୂର୍ବେ ଏହାର ଆପୋଷ ସମାଧାନ କରାଯାଇଥିଲା। ଗତକାଲି ହଠାତ୍ ଅଭୟଙ୍କ ମୃତଦେହ ୧୬ ନଂ ଜାତୀୟ ରାଜପଥ ଦାଣ୍ଡକାଳୀ ନିକଟ ଏକ ଗ୍ରାମ ସଂଯୋଗ ରାସ୍ତାକଡ଼ରେ ପଡ଼ିଥିବାର ଦେଖି ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକଙ୍କ ସହ କିଛି ଗ୍ରାମବାସୀ ଘଟଣାସ୍ଥଳରେ ପହ ିଥିଲେ। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପରିବାର ସଦସ୍ୟମାନେ ରାଜରାସ୍ତାରେ ବସିଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଖନ୍ତାପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହ ି ବୁଝାସୁଝା କରିବା ପରେ ରାସ୍ତାରୋକ୍ ହଟିଥିଲା। ପରେ ଖନ୍ତାପଡ଼ା ପୁଲିସ ୩ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ମୃତକଙ୍କ ଶବକୁ ଉଦ୍ଧାର କରାଯିବା ସହ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବ୍ୟବସାୟୀଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବଡ଼କାଏମା ପ ାୟତ ରାଧାନଗର ଗ୍ରାମର ବ୍ୟବସାୟୀ ପଦ୍ମନାଭ ସାହୁ (୭୩)ଙ୍କର ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ ନିରଂଜନ, ମନୋରଂଜନ, ଚିତରଂଜନ, ଝିଅ ରୁନୁବାଳା, ଜ୍ୱାଇଁ କୈଳାସ, ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସେ ଦୀର୍ଘ ୪୫ ବର୍ଷ ହେଲା ଜାରକା ବଜାରରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିଲେ । ତାଙ୍କ ବିୟୋଗ ଖବର ପାଇ ବ୍ୟବସାୟୀ ଶ୍ରୀନାଥ ଜେନା, ଶୁଭେନ୍ଦୁ ସାହୁ, ବିନୋଦ ଜେନା, ଦିଲୀପ କୁମାର ଜେନା, ଜ୍ଞାନୀ ରାଉତ, ରମେଶ ସାହୁ, ଅଶୋକ ସାହୁ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ବିଜେପି ନେତା ସର୍ବେଶ୍ୱର ବେହୁରା, ସାମ୍ବାଦିକ ମାନସରଂଜନ ଜେନା, ଅକ୍ଷୟ କୁମାର ରାଉତ, ସୁଶାନ୍ତ କୁମାର ବେହେରା, କଂଗ୍ରେସ ନେତା ମିହିର ଖୁ ିଆ, ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ବଡ଼ ପୁଅ ନିରଂଜନ ମୁଖାଗ୍ନି ଦେଇଥିଲେ ।

## ବାତୋ ପ ାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଘଷିପୁରା (ପିଏନ୍):ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପ ାୟତରେ ସମିତିସଭ୍ୟ ତରଣୀସେନ ବରାଳଙ୍କ ନେତୃତ୍ୱରେ ବିଜେଡିର ଏକ ଜନସମ୍ପର୍କ ପଦଯାତ୍ରା ଉଲ୍ଲୋଳ ଗ୍ରାମରୁ ବାହାରି ଅତା, ମଧୁକେଶରୀ, ଲୁଣିଆପାଟଣା, ଅନ୍ତିରା, ତମ୍ପୋ, ବାତୋ, କରଡାପାଳ, ପରମାନନ୍ଦପୁର ପ୍ରଭୃତି ଗ୍ରାମ ପରିକ୍ରମା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ସାଧାରଣ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବାତୋ ପଂଚାୟତର ସରପଂଚ ଝରଣା ଜେନା, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱରଂଜନ ବେହେରା ଏବଂ ବାତୋ ପଂଚାୟତର ବରିଷ୍ଠ ନେତା ସୁରେନ୍ଦ୍ର ପାଗଳ ପ୍ରମୁଖଙ୍କ ସହିତ ବହୁ ଦଳୀୟ ନେତା ପଦଯାତ୍ରାରେ ସାମିଲ ହୋଇଥିଲେ । ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହ ାଇବା ସହିତ ପଂଚାୟତବାସୀ ତଥା ଗ୍ରାମର ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ସମୂହ ଶପଥ ପାଠ କରାଯାଇଥିଲା ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com




# ସ୍ୱଳ୍ପ ସମୟରେ ୧୦୦ ଏମଏମଟି ପଣ୍ୟ ପରିଚ୍ାଳନା କରି ସର୍ବ ଭାରତୀୟ ସ୍ତରରେ ପାରାଦୀପ ବନ୍ଦରର କୀର୍ତ୍ତିମାନ ସ୍ଥାପନ : ପାରାଦୀପ ବନ୍ଦର ପକ୍ଷରୁ ସଫଳତା ଉତ୍ସବ



ପାରାଦୀପ,(ପି.ଏନ): ସ୍ୱଳ୍ପ ସମୟ ମଧ୍ୟରେ ୧୦୦ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିଚ୍ାଳନା କରି ପାରାଦୀପ ବନ୍ଦର ନିଜସ୍ୱ ରେକର୍ଡ ଭଙ୍ଗ କରିବା ସହ ସର୍ବ ଭାରତୀୟ ବୃହତ ବନ୍ଦର ଇତିହାସ ରେ ବିରଳ କୃତିତ୍ୱ ହାସଲ କରିଛି । ଲଗାତାର ସାତବର୍ଷ ଧରି ୧୦୦ ଏମଏମଟି କ୍ଲବରେ ସାମିଲ ହୋଇ ଚ୍ଳିତ ଆର୍ଥିକ ବର୍ଷ ଡିସେମ୍ବର ୧୮ ତାରିଖରେ ୧୦୦.୨୮ ଏମଏମଟି ପଣ୍ୟ ପରିଚ୍ାଳନା କରି ରେକର୍ଡ ସୃଷ୍ଟି କରିଛି ପାରାଦୀପ ବନ୍ଦର କ୍ଷ ପୂର୍ବ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦରକୁ ଏହି କୃତିତ୍ୱ ହାସଲ ପାଇଁ ୨୮୪ ଦିନ ଲାଗିଥିବା ବେଳେ ଏହାର ୨୨ ଦିନ ପୂର୍ବରୁ ଅର୍ଥାତ ୨୬୨ ଦିନରେ ଏହି ବିରଳ ସଫଳତା ମିଳିପାରିଛି । ଏହି ସଫଳତା ପଣ୍ୟ ପରିଚ୍ାଳନାରେ ପାରାଦୀପ ବନ୍ଦରର ଉତ୍କର୍ଷତା ଓ ଦକ୍ଷତା ପ୍ରତିପାଦନ କରୁଛି । ତେବେ ଚ୍ଳିତ ଆର୍ଥିକ ବର୍ଷ ଶେଷ ପର୍ଯ୍ୟାୟରେ ପାରାଦୀପ ବନ୍ଦର ୧୪୫ ଏମଏମଟି ରୁ ଉର୍ଦ୍ଧ ପଣ୍ୟ ପରିଚ୍ାଳନା କରିବାର ଲକ୍ଷ୍ୟ ରଖିଛି । ତେବେ ବନ୍ଦର ପୋତାଶ୍ରୟରେ ବିଭିନ୍ନ ଯାନ୍ତ୍ରିକରଣ ଓ ଉନ୍ନୟନ କାର୍ଯ୍ୟ ପାଇଁ ଏହା ସମ୍ଭବ ହୋଇପାରିଛି । ଏହି ସଫଳତା ଉତ୍ସବ ପାଳନ ପରିପ୍ରେକ୍ଷୀରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ଗଣମାଧ୍ୟମକୁ ସୂଚ୍ନା ଦେଇଥିଲେ ଯେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଆଉଟବାଉଣ୍ଡ ଆଇରନ୍ ଓର ଏବଂ ପେଲେଟ୍ ଉଲ୍ଲେଖନୀୟ ୬୯.୦୩ % ଅଭିବୃଦ୍ଧି ପ୍ରଦର୍ଶନ କରିଛି । ବନ୍ଦରରେ ପରିଚ୍ାଳିତ ସମୁଦାୟ ପଣ୍ୟ ପରିମାଣର କୋଷ୍ଟାଲ୍ ଥର୍ମାଲ୍ କୋଇଲା ପରିଚ୍ାଳନା ପ୍ରାୟ ୩୦.୩୮ % ଏବଂ ଏହା ବନ୍ଦର କାର୍ଯ୍ୟଦକ୍ଷତା ପାରାମିଟରରେ ଉଲ୍ଲେଖନୀୟ ଉନ୍ନତି ପଞ୍ଜିକୃତ କରିଛି । ସେହିପରି ଏବେ ବର୍ଥ ଉତ୍ପାଦନ ଦୈନିକ ପ୍ରତି ଜାହାଜରେ ୩୨.୬୮୯ ମେଟ୍ରିକ ଟନ (ଏମଟି), ଯାହା ଦେଶର ସମସ୍ତ ପ୍ରମୁଖ ବନ୍ଦର ମଧ୍ୟରେ ସର୍ବାଧିକ । ଜାହାଜ ଟ୍ୟୁମ୍-ରାଉଣ୍ଡ-ଟାଇମ୍ ୪୨.୦୧ ଘଣ୍ଟା ରେକର୍ଡ କରାଯାଇଛି । ସେହିପରି ପାରାଦୀପ ବନ୍ଦର ଦେଶର ଏକ ଉପକୂଳ ପରିବହନ ହବ୍ ଭାବରେ ଉଭା ହୋଇଛି ଏବଂ ଇତିହାସରେ ପ୍ରଥମ ଥର ପାଇଁ ମହାରାଷ୍ଟ୍ର ଭିତ୍ତିକ ପାୱାର୍ ପ୍ଲାଣ୍ଟର ଥର୍ମାଲ୍ କୋଇଲାକୁ ପଶ୍ଚିମ ଉପକୂଳକୁ ପଠାଇବା ଆରମ୍ଭ କରିଛି । ତେବେ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ବନ୍ଦରର ପ୍ରତିବଦ୍ଧତା, କାର୍ଗ ପରିଚ୍ାଳନାରେ ରଣନୀତିରେ ଉନ୍ନତି ସହିତ ଏହା ଶିଳ୍ପର ବିକାଶ ଓ ଅଗ୍ରଗତି ର ଆବଶ୍ୟକତାକୁ ପୂରଣ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ଉତ୍ସବକୁ ସ୍ମରଣୀୟ ଓ ଚ୍ହ୍ନିତ କରିବା ପାଇଁ ବନ୍ଦର ପ୍ରଶାସନିକ ଭବନର ବୋର୍ଡ ରୁମରେ ବୁଧବାର ଦିନ ବନ୍ଦରର ସମସ୍ତ ଉଚ୍ଚ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ସାଙ୍କେତିକ କେକ୍ କାଟିଥିଲେ । ତେବେ ଏହି ଐତିହାସିକ ସଫଳତା ପାଇଁ ଶ୍ରୀ ହରନାଦ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳମାର୍ଗ (ଏମଓପିଏସଡବ୍ଲୁ) ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଙ୍କ ମାର୍ଗଦର୍ଶନ, ପ୍ରେରଣା, ଗତିଶୀଳ ନେତୃତ୍ୱ ପାଇଁ କୃତଜ୍ଞତା ଜଣାଇଛନ୍ତି । ଏତଦବ୍ୟତୀତ ଏହି ସଫଳତା ପାଇଁ ବନ୍ଦରର ସମସ୍ତ ଅଧିକାରୀ, କର୍ମଚ୍ାରୀ, ଉପଭୋକ୍ତା ଶିଳ୍ପ, ଷ୍ଟିଭେଡୋରସ୍, ଷ୍ଟିମର ଏଜେଣ୍ଟ, ଟ୍ରେଡ୍ ୟୁନିଅନ୍, ପିପିପି ଅପରେଟରମାନଙ୍କୁ ସେମାନଙ୍କ ସକ୍ରିୟ ସହଯୋଗ ପାଇଁ ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାର, ଭାରତୀୟ ରେଳ, କଷ୍ଟମ୍ସ ଏବଂ ଅନ୍ୟାନ୍ୟ ବିଭାଗ ମାନଙ୍କ ସହଯୋଗ ପାଇଁ ପ୍ରଶଂସା କରିଛନ୍ତି ।

# ମାନ୍ୟବର ରାଜ୍ୟପାଳଙ୍କ ଦିନିକିଆ ମାଲକାନଗିରି ଗସ୍ତ



ମାଲକାନଗିରି, (ପି.ଏନ):ଦେଶର ଶକ୍ତି ନାରୀ। ନାରୀ ସଶକ୍ତିକରଣ ହେଲେ ଦେଶ ଓ ସମାଜ ସଶକ୍ତ ହେବ ବୋଲି ମାଥିଲିର ପାଙ୍ଗାମ ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉଦବୋଧନ ପ୍ରଦାନ କରି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି । ଏହି ଅବସରରେ ଏସଏଚ୍‌ଜି ମାନଙ୍କର ଦ୍ୱାରା ପ୍ରସ୍ତୁତ ଉତ୍ପାଦକୁ କ୍ରୟ କରି ମାଆ ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ହେବାରେ ସହାୟତା କରିବା ନିମନ୍ତେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସହରର ସମସ୍ତ ସୁବିଧା ସୁଯୋଗ ଗାଁ ପର୍ଯ୍ୟନ୍ତ ପହଞ୍ଚିବା ଦରକାର। ଏଥିରେ ସରକାର, ଶାସନ ବ୍ୟବସ୍ଥା ସହ ପ୍ରତ୍ୟେକ ନାଗରିକଙ୍କ ସମାଜ ପ୍ରତି ଉତ୍ତରଦାୟିତ୍ୱ ରହିଛି। ସେ ଆହୁରି ମଧ୍ୟ କହିଥିଲେ ଜନ ମଙ୍ଗଳ ପାଇଁ ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିବା ଦରକାର। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଭଳି ଅନେକ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଦୃଢ଼ ପରିଶ୍ରମ କରି ଲକ୍ଷ୍ୟ ପ୍ରାପ୍ତି କରିବାକୁ ପଡ଼ିବ । ଛାତ୍ରଛାତ୍ରୀ ଚ୍ାପମୁକ୍ତ ହୋଇ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ହେବା ସହ ଅଭିଭାବକମାନେ ସନ୍ତାନମାନଙ୍କୁ କୌଣସି ପ୍ରକାର ଚ୍ାପ ନପକାଇବା ରାଜ୍ୟପାଳ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆୟୋଜିତ ସଭା କାର୍ଯ୍ୟରେ ଯୋଗ ଦେଇ ବାର୍ତ୍ତା ଦେଇଛନ୍ତି । ସେହିପରି ଜିଲ୍ଲା କାରାଗାରରେ ଅନ୍ତେବାସୀଙ୍କ ସହ ଆଲୋଚ୍ନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। ଏହି ଅବସରରେ ସେ ଅନ୍ତେବାସୀଙ୍କୁ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। କହିଥିଲେ ଭାରତ ଯୁବଶକ୍ତିର ଦେଶ। ତେଣୁ ସେମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ସ୍କିଲ ପ୍ରଶିକ୍ଷଣ ଦେବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଛୋଟ ଛୋଟ ଘଟଣାରେ କାରାଜୀବନ ବିତାଉଥିବା ବନ୍ଦୀମାନେ ଯେପରି ଖଲାସ ହୋଇପାରିବେ ସେଥି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟପାଳ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟପାଳ ମାଥିଲି ଡାକ୍ତରଖାନା ଗସ୍ତ କରି ୱାର୍ଡ ବୁଲିବା ସହ ରୋଗୀଙ୍କ ସହ ଆଲୋଚ୍ନା କରି ଚ୍ିକିତ୍ସା ବ୍ୟବସ୍ଥା ବିଷୟରେ ପଚ୍ାରି ବୁଝିଥିଲେ। ରାଜ୍ୟପାଳ କୁମ୍ଭାରଗୁଡାର କୁମ୍ଭକାରଙ୍କ ୟୁନିଟ ବୁଲି ଦେଖିବା ସହ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେହିପରି ଚ୍ାଲାଣଗୁଡ଼ାଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚ୍ନା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ବିଶାଲ ସିଂ, ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱନିଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ତାଳଚେରରେ ପ୍ରଭୁ ଶ୍ରୀରାମ ମନ୍ଦିର ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଶୋଭାଯାତ୍ରା

ତାଳଚେର,(ପି.ଏନ): ଅଯୋଧ୍ୟା ରେ ପ୍ରଭୁ ଶ୍ରୀରାମ ଙ୍କ ମନ୍ଦିର ରେ ଆସନ୍ତା ଜାନୁଆରୀ ୨୨ ତାରିଖରେ ରାମଲାଲା ଙ୍କର ପ୍ରାଣ ପ୍ରତିଷ୍ଠା କରାଯିବ ।ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଅଯୋଧ୍ୟା ରୁ ଏଥିପାଇଁ ସମଗ୍ର ଦେଶରେ ସମସ୍ତ ପରିବାର ଙ୍କୁ ଭେଟି ପୂଜିତ ଅକ୍ଷତ ଦେବା ସହ ନିମନ୍ତ୍ରଣ ପତ୍ର ଦିଆଯିବାର ବ୍ୟବସ୍ଥା କରାଯାଇଛି ।ଆଜି ବୁଧବାର ଅନୁଗୁଳ ବନ୍ତଳା ଶ୍ରୀରାମ ମନ୍ଦିର ରେ ଅଯୋଧ୍ୟା ରୁ ଆସିଥିବା ଅକ୍ଷତ ହୋମଯଜ୍ଞ ପୂଜାର୍ଚ୍ଚନା କରାଯିବା ସହ ଜିଲ୍ଲାର ବିଭିନ୍ନ ବ୍ଲକ ଓ ନଗର କୁ ପଠାଯାଇଛି ।ତାଳଚେର ନଗର ପକ୍ଷରୁ ଅଶୋକ ଲାଲ ଅଗ୍ରୱାଲ, ପର୍ଶୁରାମ ବାରିକ, ସୂର୍ଯ୍ୟକାନ୍ତ ମହାନ୍ତି, ଦିବାକର ପ୍ରଧାନ, ହେମନ୍ତ ଘଡେଇ, ମାୟାଧର ସାହୁ ପ୍ରମୁଖ ବନ୍ତଳା ରାମ ମନ୍ଦିର ରେ ଅଯୋଧ୍ୟା ରୁ ଆସିଥିବା ଅକ୍ଷତ ,ନିମନ୍ତ୍ରଣ ପତ୍ର ଓ ଭବ୍ୟ ମନ୍ଦିର ର ଛବି କୁ ବନ୍ତଳା ରେ ଏକ ବିରାଟ ଶୋଭାଯାତ୍ରାରେ ପରିକ୍ରମା କରି ତାଳଚେରକୁ ଆଣିଥିଲେ ।ତାଳଚେର ହାଟତୋଟା ମଙ୍ଗଳା ମନ୍ଦିର ରେ ଅକ୍ଷତ କଳସ ପହଂଚ୍ିବା ପରେ ସେଠାରେ ଦେଉଳବେଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚ୍ାର୍ଯ୍ୟ ବାବୁଲି ସାମଲ ଙ୍କ ତତ୍ତ୍ୱାବଧାନ ରେ ଘୋଷଯାତ୍ରା ସହିତ ନଗର ପରିକ୍ରମା କରି ହନୁମାନ ମନ୍ଦିର ରେ ପହଂଚ୍ିଥିଲା ।ସେଠାରେ ମନ୍ଦିର ପରିଚ୍ାଳନା କମିଟିର ସଦସ୍ୟ ଓ ପୂଜକ ମାନେ ଉପସ୍ଥିତ ରହି ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରାଯିବା ସହ ମନ୍ଦିର ରେ ରଖା ଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ରାମଭକ୍ତ ଉପସ୍ଥିତ ଥିଲେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।





2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Friday December 22, 2023 ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୨୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ୪୪ତମ ଲକ୍ଷ୍ମୀନାରାୟଣ ପୂଜା ଧୁମଧାମରେ ପାଳିତ



ଜେନାପୁର,(ପି.ଏନ୍) ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ଅଧୀନ କଳାଣ୍ଡ ଗ୍ରାମରେ ୪୪ତମ ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ (ଗଜଉଦ୍ଧାରଣ) ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ଗତ ଡିସେମ୍ବର ୧୬ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହୋଇଥିଲା। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ପାଞ୍ଚ ଦିନ ଧରି ଆଲୋକ ତ୍ୱରଣରେ ସାଜସଜା ସହ ବହୁ ଧୁମ୍ ଧାମରେ ପାଳିତ ହୋଇଥିଲା । ଏହି ପାଞ୍ଚଦିନ ମଧ୍ୟରେ ଭଜନ କୀର୍ତ୍ତନ ସହ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଭକ୍ତ ମାନଙ୍କର ମନ ମୋହିଥିଲା । ପ୍ରତ୍ୟେକ ସନ୍ଧ୍ୟାରେ ଆରତୀ ପରେ କୀର୍ତ୍ତନ, ଭଜନ ସନ୍ଧ୍ୟା ଓ ଛୋଟ ବଡ଼ ପିଲା ମାନଙ୍କୁ ନେଇ ନୃତ୍ୟ ପରିବେଷଣ ଅନୁଷ୍ଠାନ ତରଫରୁ ବ୍ୟବସ୍ଥା କରାଯାଇଥିଲା। ଏହି ପାଞ୍ଚଦିନ ପୂଜା ମହୋତ୍ସବରେ ପ୍ରଭୁ ଶ୍ରୀ ଅନ୍ତର୍ଯ୍ୟାମୀ ନାରାୟଣ ଗୋସାଇଁଙ୍କ ପୂଜା ପୂଜକ ଲକ୍ଷ୍ମୀଧର ପଣ୍ଡା ସମାପନ କରିଥିଲେ । ଏହି ପୂଜାକୁ ପରିଚାଳିତ କରିଥିଲେ ଭାଗବତ ସାହୁ ଅଟଳ ବିହାରୀ ସାହୁ, ଗୁରୁଚରଣ ପ୍ରଧାନ, ରମେଶ ପ୍ରଧାନ, ଉଦୟ ନାଥ ସାହୁ,ହରିହର ସାମଲ, ବିଜୟ ସାହୁ ପ୍ରମୁଖ ସମ୍ପାଦନ କରିଥିଲେ। ଏହି ପୂଜାର ବିଶେଷ ଆକର୍ଷଣ କାର୍ଯ୍ୟକ୍ରମ ହେଲା ମହିଳା ସଂକୀର୍ତ୍ତନଙ୍କ ଗୀତ ତାଳରେ ଭକ୍ତମାନଙ୍କର ମନ ମୁଗ୍ଧ କରିଥିଲେ ।ଏହି ଗ୍ରାମର ପ୍ରତ୍ୟେକ ସାହିର କୀର୍ତ୍ତନ ମଣ୍ଡଳୀ, ଶ୍ରୀ ନାରାୟଣ ଗୋସାଇଁଙ୍କ ପାଖରେ ଆରତୀ କୀର୍ତ୍ତନ ମଧ୍ୟ ପରିବେଷଣ କରିଥିଲେ । ଏହି ପୂଜା ମହୋତ୍ସବକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଭକ୍ତମାନଙ୍କର ଭିଡ ଜମିଥିଲା ।

## ତାଳଚେରରେ ପ୍ରଭୁ ଶ୍ରୀରାମ ମନ୍ଦିର ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଶୋଭାଯାତ୍ରା

ତାଳଚେର,(ପି.ଏନ): ଅଯୋଧ୍ୟା ରେ ପ୍ରଭୁ ଶ୍ରୀରାମ ଙ୍କ ମନ୍ଦିର ରେ ଆସନ୍ତା ଜାନୁଆରୀ ୨୨ ତାରିଖରେ ରାମଲାଲା ଙ୍କର ପ୍ରାଣ ପ୍ରତିଷ୍ଠା କରାଯିବ ।ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଅଯୋଧ୍ୟା ରୁ ଏଥିପାଇଁ ସମଗ୍ର ଦେଶରେ ସମସ୍ତ ପରିବାର ଙ୍କୁ ଭେଟି ପୂଜିତ ଅକ୍ଷତ ଦେବା ସହ ନିମନ୍ତ୍ରଣ ପତ୍ର ଦିଆଯିବାର ବ୍ୟବସ୍ଥା କରାଯାଇଛି ।ଆଜି ବୁଧବାର ଅନୁଗୁଳ ବନ୍ତଳା ଶ୍ରୀରାମ ମନ୍ଦିର ରେ ଅଯୋଧ୍ୟା ରୁ ଆସିଥିବା ଅକ୍ଷତ ହୋମଯଜ୍ଞ ପୂଜାର୍ଚ୍ଚନା କରାଯିବା ସହ ଜିଲ୍ଲାର ବିଭିନ୍ନ ବ୍ଲକ ଓ ନଗର କୁ ପଠାଯାଇଛି ।ତାଳଚେର ନଗର ପକ୍ଷରୁ ଅଶୋକ ଲାଲ ଅଗ୍ରୱାଲ, ପର୍ଶୁରାମ ବାରିକ, ସୂର୍ଯ୍ୟକାନ୍ତ ମହାନ୍ତି ପ୍ରମୁଖ ବନ୍ତଳା ରାମ ମନ୍ଦିର ରେ ଅଯୋଧ୍ୟା ରୁ ଆସିଥିବା ଅକ୍ଷତ ,ନିମନ୍ତ୍ରଣ ପତ୍ର ଓ ଭବ୍ୟ ମନ୍ଦିର ର ଛବି କୁ ବନ୍ତଳା ରେ ଏକ ବିରାଟ ଶୋଭାଯାତ୍ରାରେ ପରିକ୍ରମା କରି ତାଳଚେରକୁ ଆଣିଥିଲେ।

## ସଦର ଥାନା ପକ୍ଷରୁ ୬ଲକ୍ଷ ଟଙ୍କାର ବେଆଇନ ଗୁଟକା ଚଢ଼ାଉ

### ମାଲିକ ଫେରାର ସହଯୋଗୀ ଗିରଫ !

କୁକୁଡ଼ାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ୍): ବ୍ରହ୍ମପୁର ସଦର ଥାନା ଅଧିନସ୍ତ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ରୋହିଗାଁରେ ଏକ ଘରୁ ବେଆଇନ ଭାବେ ଚାଲିଥିବା ଏକ ନକଲି ଗୁଟଖା କମ୍ପାନୀ ଉପରେ ଚଢ଼ାଉ ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ସୂଚନା ପ୍ରକାରେ, ବୁଧବାର ରାତ୍ର ୮ଟା ସମୟରେ ସଦର ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ରୋହିଗାଁ ଗ୍ରାମର ଶେଷ ମୁଣ୍ଡରେ ଥିବା ଏକ ଘରେ ଦୀର୍ଘ ଦିନ ଧରି ବେଆଇନ ଭାବେ ଗୁଟଖା ପ୍ରସ୍ତୁତି ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଗତକାଲି ରାତିରେ ସଦର ଥାନା ଅଧିକାରୀ ଅନିତା ସାହୁ ଓ ତାଙ୍କ ଷ୍ଟାଫ ଉକ୍ତ କମ୍ପାନୀ ଉପରେ ଅତର୍କିତ ଭାବେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଗୁଟଖା ପ୍ରସ୍ତୁତକରୁଥିବା ବଳିଆ ଜେନା ନାମକ ଯୁବକକୁ ଗିରଫ କରି ଥାନାକୁ ନେଇଥିଲେ ।କିନ୍ତୁ ଗୁଟଖା କମ୍ପାନୀ ମାଲିକ ଶିବ ସାହୁ କୌଣସି ସୂତ୍ରରୁ ଚଢ଼ାଉର ପୂର୍ବ ସୂଚନା ପାଇ ସେଠାରୁ ଫେରାର ହେବାରେ ସକ୍ଷମ ହୋଇଛି ।ସେଠାରୁ ପୋଲିସ ବିଭିନ୍ନ କମ୍ପାନୀର ଗୁଟଖା, ଟୋବାକୋ ପତ୍ର,ଧନିଆ, ପାନମଧୁରୀ,ଧଳା ଚୂନ ବିଭିନ୍ନ ବ୍ରାଣ୍ଡର ଖାଲି ପଲିଥିନ,ବିଭିନ୍ନ ବ୍ରାଣ୍ଡର ରିଲସ୍ ଏବଂ ସିଲେଇ ମେସିନ୍ ସହିତ ପ୍ରାୟ ୬ଲକ୍ଷ ଟଙ୍କାର ଗୁଟଖା ଜବତ କରିଛି ।ଏହି ଚଢ଼ାଉରେ ମାଲିକ ଶିବ ସାହୁ ଫେରାର ଥିବା ବେଳେ ସହଯୋଗୀ ବଳିଆ ଜେନାକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରହିଥିବା ନେଇ ସଦର ଥାନା ଅଧିକାରୀଙ୍କ ଠାରୁ ସୂଚନା ମିଳିଛି ।କିନ୍ତୁ ଏହି ଘଟଣାରେ ଫେରାର ଥିବା ଗୁଟଖା କମ୍ପାନୀ ମାଲିକ ଶିବ ସାହୁଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ସହଯୋଗୀ ବଳିଆ ଜେନା କୁ କୁଆଡେ ଛାଡ଼ିଦେବା ପାଇଁ ପ୍ରୟାସ ଚାଲିଛି ବୋଲି ଆଶଙ୍କା ପ୍ରକାଶ ପାଇଛି । ପ୍ରକାଶ ଥାଉ କି ,ଗତ ଦୀପାବଳି ପୂର୍ବରୁ ବ୍ରହ୍ମପୁର ବଡ ବଜାର ପୋଲିସ ବେଆଇନ ବିଷ୍ଫୋରକ ଦ୍ରବ୍ୟ ଓ ଦଶଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବାଣ ଗଚ୍ଛିତ ରଖିବା ଅଭିଯୋଗରେ ଶିବ ସାହୁଙ୍କ ନାମରେ ମାମଲା ରୁଜୁ ହେବା ସହ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ପୁଣି ବେଆଇନ ଗୁଟଖା ପ୍ରସ୍ତୁତି କରି ଫେରାର ହୋଇଯିବା ପଛରେ ପୁଣି କେଉଁ ଅଦୃଶ୍ୟ ଶକ୍ତିର ହାତ ରହିଛି ତାହା ନେଇ ସାଧାରଣରେ ମତପ୍ରକା ପାଇଛି।

## କୁରାଳ ପଞ୍ଚମୀ ଭଜନ ସମାରୋହ

ପୁରୀ,(ପି.ଏନ): କୁମ୍ଭକାରଙ୍କ ପବିତ୍ର କୁରାଳ ପଞ୍ଚମୀ ପର୍ବ ଅବସରରେ କୁମ୍ଭାରପଡାରେ ଏକ ମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ସମାରୋହକୁ ଉଦଘାଟନ କରିଥିବା ବେଳେ ପୂର୍ବତନ କାଉନସିଲର ସୁଦର୍ଶନ ସାହୁ, ନାରୀନେତ୍ରୀ ଜ୍ୟୋତି ମହାପାତ୍ର, ସମାଜସେବୀ ଜଗଦାନନ୍ଦ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କୁମ୍ଭକାର ନିଯୋଗର ସମ୍ପାଦକ ମହେନ୍ଦ୍ର ବିଶୋଇ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ କୁରାଳ ପଞ୍ଚମୀ ପର୍ବର ମହତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ନାଟ୍ୟାଭିନେତା ଶିବସୁନ୍ଦର ମିଶ୍ର, ଆଡ଼ଭୋକେଟ ସୁଧାଂଶୁ ଶେଖର ରାୟଙ୍କୁ ସଂବର୍ଦ୍ଧିତ କରାଯାଇଥିଲା। ସଭାପର୍ବ ପରେ ଖୋର୍ଦ୍ଧା ବାଲିପାଟଣାର ବାଦ୍ୟଧ୍ୱନି ଭଜନ ସନ୍ଧ୍ୟା ପକ୍ଷରୁ ଗୁରୁ ବିଶ୍ୱରଂଜନ ନନ୍ଦଙ୍କ ସଂଯୋଜନାରେ କଳାକାରମାନେ ମନୋଜ୍ଞ ଭକ୍ତି ସଂଗୀତ ପରିବେଷଣ କରିଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବହୁ ଅଞ୍ଚଳବାସୀ ଏହି ଭଜନ ସନ୍ଧ୍ୟାକୁ ମନଭରି ଉପଭୋଗ କରିଥିଲେ। କୁମ୍ଭାରପଡା ଯୁବପରିଷଦର ସମ୍ପାଦକ ନେତ୍ରାନନ୍ଦ ବିଶୋଇ, କୈଳାସ ବିଶୋଇ, ପ୍ରକାଶ ବିଶୋଇ, ରସାନନ୍ଦ ବିଶୋଇ ଓ ଯୁବରାଜ ମାଣିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡିଶା ଲଳିତ କଳା ଏକାଡେମୀ ଦ୍ୱାରା ଐତିହ୍ୟ ଗ୍ରାମ ରଘୁରାଜପୁର, ପୁରୀ ଠାରେ ପାରମ୍ପରିକ ଝୋଟି ଚିତା ପ୍ରତିଯୋଗିତା ଆୟୋଜିତ



ପୁରୀ,(ପି.ଏନ): ଓଡିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ରାଜ୍ୟରେ ଚିତ୍ରକଳାର ପ୍ରଚାର ଓ ପ୍ରସାର ନିମନ୍ତେ ମାର୍ଗଶୀର ମାସ ମାଣବସା ଗୁରୁବାର ଉପଲକ୍ଷେ ଏକାଡେମୀ ଦ୍ୱାରା ଐତିହ୍ୟ ଗ୍ରାମ ରଘୁରାଜପୁର ଠାରେ ଗ୍ରାମର ୧୫୦ ମହିଳା ଶିଳ୍ପୀଙ୍କୁ ନେଇ ଏକ ପାରମ୍ପରିକ ଝୋଟି ଚିତା ପ୍ରତିଯୋଗିତା ତା ୨୦.୧୨.୨୦୨୩ ରିଖ ବୁଧବାର ଦିନ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ କୁମାର ରାଉତରାୟ ଯୋଗଦେଇ ମହିଳା ଶିଳ୍ପୀମାନଙ୍କର ଝୋଟି ଚିତାର ଭୂୟସୀ ପ୍ରଶଂସା କରିବା ସହିତ ଓଡିଶାର ପାରମ୍ପରିକ ଝୋଟିର ସ୍ୱତନ୍ତ୍ରତା, ଜନଜୀବନ ସହ ଓ ଆମ ପୂଜା ପର୍ବାଣ ସହ ଏହା କିପରି ଓତଃପ୍ରତଃ ଭାବେ ଜଡିତ ପ୍ରକାଶ କରିଥିଲେ । ଏକାଡେମୀର ସଭାପତି ଶ୍ରୀ ସୁଦର୍ଶନ ପଟ୍ଟନାୟକ ଏହି ପ୍ରତିଯୋଗିତା ମହିଳାମାନଙ୍କର କାଳର ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ । ଓଡିଶାର ପାରମ୍ପରିକ ଝୋଟି ଚିତାର ଉନ୍ନତି ଏବଂ ରଘୁରାଜପୁରର ସ୍ୱତନ୍ତ୍ରତା ଏ ଦିଗରେ ଅଧିକ ଆକର୍ଷଣୀୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ପ୍ରତିଯୋଗୀମାନେ ନିଜ ଦୁଆର ସାମନାରେ ମାର୍ଗଶୀର ମାସ ଗୁରୁବାର ମାଣବସା ଚିତାକୁ ଖୁବ ସୁନ୍ଦର ଭାବେ ଅଙ୍କନ କରିଥିଲେ । ରଘୁରାଜପୁର ଗାଁ ଦାଣ୍ଡ ଚିତାରେ ସଜେଇ ହୋଇ ସୌନ୍ଦର୍ଯ୍ୟରେ ଦ୍ୱିଗୁଣିତ ହୋଇଥିଲା । ଏହି ଅବସରରେ ଅତିଥିମାନେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ବିଚାରକ ମଣ୍ଡଳୀ ମାନଙ୍କ ଦ୍ୱାରା ୩ ଟି ଚିତାକୁ ସର୍ବଶ୍ରେଷ୍ଠ ମନୋନୀତ କରାଯାଇଥିଲା । ବିଚାରକ ଭାବେ ଶ୍ରୀମତୀ ରନ୍ ମଞ୍ଜୁଳା ଘଡେଇ ଓ ଶ୍ରୀମତୀ ଯୁବତୀ ପ୍ରତିଭା ଭୋଳ ଯୋଗଦେଇ ଚିତାଗୁଡିକର ମୂଲ୍ୟାଙ୍କନ କରିଥିଲେ । ଏକ ସ୍ୱତନ୍ତ୍ର ଉତ୍ସବରେ କୃତି ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯିବ । ଉତ୍କଳୀୟ ପରମ୍ପରାର ଏହି ଝୋଟି ଚିତା ଆଗାମୀ ଯୁବ ମହିଳା ଶିଳ୍ପୀଙ୍କୁ ଉତ୍ସାହିତ କରିବ ବୋଲି ଏକାଡେମୀର ସଚିବ ଶ୍ରୀ ପଞ୍ଚାନନ ସାମଲ ପ୍ରକାଶ କରିଥିଲେ । ସକାଳ ୧୧ ଟାରୁ ଚିତ୍ର ଅଙ୍କନ ଆରମ୍ଭ ହୋଇଥିଲା କ୍ଷ ଯାହାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଶ୍ରୀ ସଂଯୋଜନା କରିଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମକୁ ସଚିବ ପରିଚାଳନା କରିଥିଲେ । ଗ୍ରାମ ସଭାପତି ଅନନ୍ତ ସୁବୁଦ୍ଧି, ସମ୍ପାଦକ ଅଭିରାମ ଦାସ , ବିଶ୍ୱନାଥ ସୁବୁଦ୍ଧି ଆଦି ସହଯୋଗ କରିଥିଲେ

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

## ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଫକୋ ପାରାଦୀପ ୟୁନିଟକୁ 'କଳିଙ୍ଗ ସେଫଟି ଏକ୍ସିଲେନ୍ସି ପ୍ଲାଟିନମ ଆୱାର୍ଡ



ପାରାଦୀପ,(ପି.ଏନ): ପାରାଦୀପ ଠାରେ ଥିବା ବିଶ୍ୱର ବୃହତ ସାର କାରଖାନା ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ ଲିମିଟେଡ (ଇଫକୋ) ପାରାଦୀପ ୟୁନିଟକୁ ୧୪ ତମ ଜାତୀୟ ସୁରକ୍ଷା ସମ୍ମିଳନୀ-୨୦୨୩ ରେ ଉଲ୍ଲେଖନୀୟ ସୁରକ୍ଷା ପରିଚାଳନା ପାଇଁ ସମ୍ମାନଜନକ କଳିଙ୍ଗ ସେଫଟି ଏକ୍ସେଲେନ୍ସ ଆୱାର୍ଡ (ପ୍ଲାଟିନମ ) ରେ ସମ୍ମାନିତ କରାଯାଇଛି । ୨୦୨୨ ବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଚଳିତ ଡିସେମ୍ବର ମାସ ୨୦ ତାରିଖ ବୁଧବାର ଦିନ ଭୁବନେଶ୍ୱରଠାରେ ଇନଷ୍ଟିଚ୍ୟୁଟ ଅଫ କ୍ୱାଲିଟି ଆଣ୍ଡ ଏନଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସାର୍ଭିସେସ ଦ୍ୱାରା ଆୟୋଜିତ " ୧୪ତମ ନ୍ୟାଶନ୍ୟାଲ ସେଫଟି କନକ୍ଲେଭ- ୨୦୨୩' କାର୍ଯ୍ୟକ୍ରମରେ ଇଫକୋର ଅଗ୍ନି ଏବଂ ସୁରକ୍ଷା ଯୁଗ୍ମ ମହାପ୍ରବନ୍ଧକ ରଞ୍ଜିତ କୁମାର ସ୍ୱାଇଁ ଏହି ଆୱାର୍ଡକୁ ଡ଼ଃ.ସୁଧାଂଶୁ ଷଡଙ୍ଗୀ ,ଆଇପିଏସ ଙ୍କ ଠାରୁ ଗ୍ରହଣ କରିଥିଲେ। ସୂଚନା ଥାଉକି ଇଫକୋ ପାରଦୀପ ୟୁନିଟ ତାର ସୁରକ୍ଷା ଓ ପାରିପାର୍ଶ୍ୱିକ ଉନ୍ନୟନ ମୂଳକ କାର୍ଯ୍ୟପାଇଁ ସର୍ବଦା ଚର୍ଚ୍ଚାରେ ରହିବା ସଙ୍ଗେ ସଙ୍ଗେ ବହୁ ଜାତୀୟ ଏବଂ ରାଜ୍ୟସ୍ତରୀୟ ଆୱାର୍ଡ଼ ଓ ସମ୍ମାନ ହାସଲ କରିପାରିଛି ।

# ପାରାଦୀପରେ ଡମ୍ପର ଆସୋସିଏସନର ବନ୍ଧୁମିଳନ ଉତ୍ସବ : ବିଶିଷ୍ଟ ଶିଳ୍ପପତି ମହିମା ମିଶ୍ରଙ୍କୁ ସମ୍ବର୍ଦ୍ଧନା

ପାରାଦୀପ,(ପି.ଏନ): ପ୍ରତିବର୍ଷ ପରି ଡ଼ମ୍ପର ମାଲିକ ସଙ୍ଘ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ବୁଧବାର ମଧ୍ୟାହ୍ନରେ ପାରାଦୀପର ନୂତନ କଲ୍ୟାଣ ମଣ୍ଡପ ଠାରେ ଆନନ୍ଦ ଉଲ୍ଲାସ ସହିତ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସଂଘର ବହୁ ସଦସ୍ୟ ମାନଙ୍କ ସମେତ ସେମାନଙ୍କ ପରିବାର ଯୋଗଦେଇ ଆନନ୍ଦ ଉପଭୋଗ କରିଥିଲେ। ଏଥିରେ ଓଡ଼ିଶାର ସୁନାମଧନ୍ୟ କଳାକାର ମାନେ ଆକର୍ଷଣୀୟ ନୃତ୍ୟ ଓ ସଂଗୀତ ପରିବେଷଣ କରି ସମସ୍ତଙ୍କୁ ଅମୋଦିତ କରିଥିଲେ । ଏହି ଅବସରରେ ପାରାଦୀପ ତଥା ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ତଥା ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ଼ (ଓଏସଏଲ) କମ୍ପାନୀର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମହିମାନନ୍ଦ ମିଶ୍ର ଙ୍କ ବିଶେଷ ଅବଦାନ ପାଇଁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଏସଏଲ କମ୍ପାନୀର ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର ଓ ସାଧାରଣ ପରିଚାଳକ ସୁବାଷ ଆଚାର୍ଯ୍ୟ ଙ୍କ ସମେତ ଡମ୍ପର ଓନର ଆସୋସିଏସନର ସଭାପତି ବିଜୟ କୁମାର ନାୟକ, ସମ୍ପାଦକ ସୁରଜ କୁମାର ବାରିକ, ଉପସଭାପତି ଦିଲ୍ଲୀପ କୁମାର ବେହେରା ସହ ସମ୍ପାଦକ ପ୍ରମୋଦ କୁମାର ସାହୁ, କୋଷାଧ୍ୟକ୍ଷ ଅଜୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# କୁରାଳ ପଞ୍ଚମୀ ଭଜନ ସମାରୋହ



ପୁରୀ,(ପି.ଏନ): କୁମ୍ଭକାରଙ୍କ ପବିତ୍ର କୁରାଳ ପଞ୍ଚମୀ ପର୍ବ ଅବସରରେ କୁମ୍ଭାରପଡାରେ ଏକ ମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ସମାରୋହକୁ ଉଦଘାଟନ କରିଥିବା ବେଳେ ପୂର୍ବତନ କାଉନସିଲର ସୁଦର୍ଶନ ସାହୁ, ନାରୀନେତ୍ରୀ ଜ୍ୟୋତି ମହାପାତ୍ର, ସମାଜସେବୀ ଜଗଦାନନ୍ଦ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କୁମ୍ଭକାର ନିଯୋଗର ସମ୍ପାଦକ ମହେନ୍ଦ୍ର ବିଶୋଇ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ କୁରାଳ ପଞ୍ଚମୀ ପର୍ବର ମହତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ନାଟ୍ୟାଭିନେତା ଶିବସୁନ୍ଦର ମିଶ୍ର, ଆଡ଼ଭୋକେଟ ସୁଧାଂଶୁ ଶେଖର ରାୟଙ୍କୁ ସଂବର୍ଦ୍ଧିତ କରାଯାଇଥିଲା। ସଭାପର୍ବ ପରେ ଖୋର୍ଦ୍ଧା ବାଲିପାଟଣାର ବାଦ୍ୟଧ୍ୱନି ଭଜନ ସନ୍ଧ୍ୟା ପକ୍ଷରୁ ଗୁରୁ ବିଶ୍ୱରଂଜନ ନନ୍ଦଙ୍କ ସଂଯୋଜନାରେ କଳାକାରମାନେ ମନୋଜ୍ଞ ଭକ୍ତି ସଂଗୀତ ପରିବେଷଣ କରିଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବହୁ ଅଞ୍ଚଳବାସୀ ଏହି ଭଜନ ସନ୍ଧ୍ୟାକୁ ମନଭରି ଉପଭୋଗ କରିଥିଲେ। କୁମ୍ଭାରପଡା ଯୁବପରିଷଦର ସମ୍ପାଦକ ନେତ୍ରାନନ୍ଦ ବିଶୋଇ, କୈଳାସ ବିଶୋଇ, ପ୍ରକାଶ ବିଶୋଇ, ରସାନନ୍ଦ ବିଶୋଇ ଓ ଯୁବରାଜ ମାଣିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray